EKAMAATRA
RNI Regd. No. ODIODI/2017/71524
# ଏକମାତ୍ର
ଅନୁସନ୍ଧାନ ପରେ ଖବର



**ଶାରଦୀୟ ଅଭିନନ୍ଦନ**

ପବିତ୍ର ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ 'ଏକମାତ୍ର' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ। ସମସ୍ତଙ୍କ ଜୀବନ ସୁଖମୟ ହେଉ, ଏହା ହିଁ ମା' ଦଶଭୂଜାଙ୍କ ନିକଟରେ ଆମର ପ୍ରାର୍ଥନା।

– ସମ୍ପାଦକ

ବର୍ଷ-୫ ସଂଖ୍ୟା-୩୯ ୧୧ - ୧୭ ଅକ୍ଟୋବର, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-39 11th - 17th OCTOBER, 2021 BHUBANESWAR ₹ 5/- (8 Pages)

### ପୌର ଆଇନରେ ସଂଶୋଧନକୁ ରାଜ୍ୟପାଳଙ୍କ ଅନୁମୋଦନ

# ବାହାରିଲା ଚିଠା ସଂରକ୍ଷଣ ତାଲିକା



**ଭୁବନେଶ୍ୱର :** ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ବଡ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବହୁ ପ୍ରତିକ୍ଷୀତ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଲା ପରେ ଏଥିପାଇଁ ଜିଲ୍ଲାସ୍ତରରେ ଉତ୍କଣ୍ଠା ଦେଖାଦେଇଛି। ସମସ୍ତ ରାଜନୈତିକ ଦଳ ପଞ୍ଚାୟତ ନିର୍ବାଚନକୁ ନେଇ ତତ୍ପରତା ଦେଖାଇବା ଆରମ୍ଭ କଲେଣି। ପଞ୍ଚାୟତ ନିର୍ବାଚନ ପରି ପୌର ନିର୍ବାଚନରେ ସଂରକ୍ଷଣକୁ ସର୍ବାଧିକ ୫୦% ଭିତରେ ସୀମିତ ରଖାଯିବ। ଏଥିପାଇଁ ପୌର ଆଇନରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି। ଏହି ସଂଶୋଧନ ବିଲ୍ ଗତମାସ ୭ ତାରିଖରେ ବିଧାନସଭାରେ ପାରିତ ହୋଇଥିଲା। ବିଲ୍‌କୁ ରାଜ୍ୟପାଳ ଅନୁମୋଦନ ଦେବା ପରେ ଗତ ଶୁକ୍ରବାର ରାଜଭବନ ପକ୍ଷରୁ ତାହାକୁ ଆଇନ ବିଭାଗକୁ ପଠାଇ ଦିଆଯାଇଛି। ତେଣୁ ଆଇନ ବିଭାଗ ପକ୍ଷରୁ ଯେକୌଣସି ସମୟରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇପାରେ। ହେଲେ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲାପାଳମାନେ ଜିଲ୍ଲାସ୍ତରରେ ଏହି ତାଲିକା ପ୍ରକାଶ କରିଛନ୍ତି। ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟ ପଦବି ପାଇଁ ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେବଳ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବି ପାଇଁ ଆସନ୍ତା ୧୬ ତାରିଖ ଦିନ ରାଜ୍ୟ ସରକାରଙ୍କ ତରଫରୁ ସିଧାସଳଖ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇବ। ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପାଇଁ ପ୍ରକାଶ ପାଇଥିବା ଚିଠା ସଂରକ୍ଷଣ ତାଲିକା ଉପରେ ଲୋକମାନେ ➤ ପୃ-୬

### ୧୮ ହଜାର କୋଟିରେ ବିକିଲେ କେନ୍ଦ୍ର ସରକାର

# ପୁଣି ଟାଟା ପାଖକୁ ଫେରିଲା ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ :** ଯାହା ଆଶା କରାଯାଉଥିଲା ସେଇଆ ହେଲା। ସରକାରୀ ବିମାନ ସେବା ପ୍ରଦାନ କରି ସଂସ୍ଥା ଏୟାର ଇଣ୍ଡିଆକୁ ଦୀର୍ଘ ୬୮ ବର୍ଷ ପରେ ଟାଟା ସନ୍ସ କିଣିବାକୁ ସକ୍ଷମ ହୋଇଛି। ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏହାପରେ ନିଲାମ ଡକା ଯାଇଥିଲା। ଟାଟା ସନ୍ସ ୧୮ ହଜାର କୋଟି ଟଙ୍କାର ନିଲାମ ଡାକି ଏୟାର ଇଣ୍ଡିଆକୁ ନିଜ ହାତକୁ ନେଇଛି। ଏକଥା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ନିବେଶ ସଚିବ ତୁହିନକାନ୍ତ ପାଣ୍ଡେ ଘୋଷଣା କରିଛନ୍ତି। ଡିସେମ୍ବର ସୁଦ୍ଧା ଏୟାର ଇଣ୍ଡିଆର ସମସ୍ତ ଅଧିଗ୍ରହଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଶ୍ରୀ ପାଣ୍ଡେ କହିଛନ୍ତି, ୨୦୨୧ ଅଗଷ୍ଟ ୩୧ ସୁଦ୍ଧା ଏୟାର ଇଣ୍ଡିଆ ଉପରେ ୬୧,୫୬୨ କୋଟି ଟଙ୍କାର ଋଣ ରହିଥିଲା। ଏହାର ୧୫,୩୦୦ କୋଟି ଟଙ୍କା ବିଡର ପ୍ରଦାନ କରିବେ। ତେଣୁ ବାକି ୪୬,୨୬୨ କୋଟି ଟଙ୍କାର ଋଣ ଏୟାର ଇଣ୍ଡିଆ ଆସେଟ୍ସ ହୋଲ୍ଡିଂ ଲିଃ (ଏଆଇଏଏଚଏଲ)କୁ ଟ୍ରାନ୍ସଫର କରାଯିବ। ଏଆଇଏଏଚ୍‌ଏଲ ହେଉଛି ସରକାରଙ୍କ ଦ୍ୱାରା ଗଠିତ ଏସିଭି। ଏହା ଅର୍ଥନୀତି ବ୍ୟାପର ସମ୍ପର୍କରେ ତଦାରଖ କରିଥାଏ। ଟାଟା ସନ୍ସ ଏୟାର, ଏୟାର ଇଣ୍ଡିଆ ସାଟ୍ସ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସର ୫୦% ଶେୟାର ହାସଲ କରିଛି। ଏୟାର ଇଣ୍ଡିଆ ବିକ୍ରି କରି ସରକାର ୨,୭୦୦ କୋଟି ଟଙ୍କା ପାଇବେ। ବାକି ସବୁ ସରକାରଙ୍କ ଋଣ ଯାହାକୁ ଏୟାର ଇଣ୍ଡିଆ ଟେକ ଓଭର କରିବ। ପୂର୍ବରୁ ଅକ୍ଟୋବର ୧ରେ ଏୟାର ଇଣ୍ଡିଆକୁ ବିକ୍ରି କରିବାକୁ କେନ୍ଦ୍ର ସରକାର ଯେଉଁ ନିଲାମ ଡାକିଥିଲେ, ସେଥିରେ ଟାଟା ଗ୍ରୁପ୍ ବାଜିମାତ କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏହାକୁ ➤ ପୃ-୬

### ସରକାରୀ କର୍ମଚାରୀଙ୍କୁ ନବୀନଙ୍କ ପୂଜା ଭେଟି

# ଜୁଲାଇରୁ ୧୧% ମହଙ୍ଗା ଭତ୍ତା ବଢ଼ିଲା



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍ସନ୍ ଭୋଗୀଙ୍କୁ ପୂଜା ଭେଟି ଦେଇଛନ୍ତି। ସେମାନଙ୍କ ପାଇଁ ୧୧% ମହଙ୍ଗା ଭତ୍ତା ଓ ଡିଅର୍ନେସ୍ ରିଲିଫ୍ ଘୋଷଣା କରିଛନ୍ତି। ଏହା ଫଳରେ ମହଙ୍ଗା ଭତ୍ତା ୧୭%ରୁ ବଢ଼ି ୨୮%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଭତ୍ତା ଗତ ଜୁଲାଇ ମାସରୁ ପିଛିଲା ଭାବେ ଲାଗୁ ହେବ। ଏହି ଅକ୍ଟୋବରରୁ ବର୍ଦ୍ଧିତ ମହଙ୍ଗା ଭତ୍ତା ମିଳିବା ସହ ବକେୟା ତିନି ମାସର ବର୍ଦ୍ଧିତ ଭତ୍ତା ମଧ ନଗଦ ଆକାରରେ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ➤ ପୃ-୬

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି



**ଜଗତ୍‌ସିଂହପୁର (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ରଘୁନାଥପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଂଟନକୁ ନେଇ ଦୁର୍ନୀତି ହୋଇଥିବା ବେଳେ ବିଜେପିନେତା ମାନଙ୍କ ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ବ୍ଲକରେ ଦୁଇଗୋଟି ଜିଲ୍ଲାପରିଷଦ ଆସନ ମଧ୍ୟରୁ ଗୋଟିଏ ବିଜେପି ହାତରେ ଥିଲେ ବି ସ୍ଥାନୀୟ କର୍ମୀ ବା ନେତାମାନଙ୍କ ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଲାଣି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଗୁଆଳିପୁର ଗ୍ରାମ ପଞ୍ଚାୟତରେ। ଏହି ପଞ୍ଚାୟତରେ ୫୫ଜଣଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକା ବ୍ଲକ କାର୍ଯ୍ୟାଳୟ ଓ ପଂଚାୟତ କାର୍ଯ୍ୟାଳୟ ମାନଙ୍କରେ ମରାଯାଇଥିବା ବେଳେ ସେଥିରେ ସନ୍ଦେହ ହେବାରୁ ୨ଥର କରି ବାହାର ବ୍ଲକର ଅଧିକାରୀମାନେ ଆସି ପୁନଃ ତଦନ୍ତ କରିଥିଲେ ଓ ଏଥିରୁ ୧୧ଜଣ ନାମକୁ ବାଦ ଦେଇ ୪୪ଜଣଙ୍କ ନାମ ତାଲିକା ମଣ୍ଡଳ ଉନ୍ନୟନ ଅଧିକାରିଙ୍କୁ ପ୍ରଦାନ କରିଥିଲେ। ଏହି ନାମ ତାଲିକା ପ୍ରକାଶ ପରେ ବାଦ ପଡିଥିବା ୧୧ଜଣ ଯୋଗ୍ୟ ହିତାଧିକାରୀ ଏହି ତାଲିକାର ପୁନଃ ତଦନ୍ତ କରିବା ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକଙ୍କୁ ଭେଟିବାକୁ ୪ଥର ଆସିଥିଲେ ବି ସେ କାର୍ଯ୍ୟାଳୟରେ ନଥିବାରୁ ଫେରିଯାଇ ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସୋମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ସେମାନଙ୍କୁ ନ୍ୟାୟ ନମିଳେ ବା ପୁନଃ ତଦନ୍ତ ନିର୍ଭିକତାର ସହିତ କରାନଯାଏ ତେବେ ସେମାନେ ଆସନ୍ତା ୨୫ ଅକ୍ଟୋବର ଠାରୁ ସେମାନଙ୍କର ➤ ପୃ-୬









ପବିତ୍ର ଦଶହରା
ଉପଲକ୍ଷେ
ବନ୍ତବାସୀଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ
ଶୁଭେଚ୍ଛା ଜଣାଉଛି।



**ଅଜୟ କୁମାର ପୃଷ୍ଟି**
ଏମ୍‌ଏ (ରାଜନୀତି ବିଜ୍ଞାନ, ଓଡ଼ିଆ, ଇଂରାଜୀ), ଏମ୍.ଇଡି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ
ପ୍ରଧାନ ଶିକ୍ଷକ, ସରକାରୀ ଉ.ପ୍ରା.ବିଦ୍ୟାଳୟ, ବସନ୍ତିଆ, ବନ୍ତ
ଏପିଆଇଓ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ବନ୍ତ






## କେମିତି କଟିବ ଏ ସପ୍ତାହ

**ମେଷ** – ଆଖି ସମ୍ବନ୍ଧୟ ପୀଡା ହୋଇପାରେ। ପୂର୍ବରୁ ଖଟାଇଥିବା ଅର୍ଥରୁ କ୍ଷତି ମିଳିପାରେ। ନିଷ୍ପତ୍ତି ବୁଝି ବିଚାରୀ ନିଅନ୍ତୁ। ଅତିଥି ଆଗମନ କରିପାରନ୍ତି। ପ୍ରେମୀକ ସହ ଅଧିକ ସମୟ କଟାଇ ପାରନ୍ତି। ଦମ୍ପତିଙ୍କ ମଧ୍ୟରେ ସୁନ୍ଦର ସମୟ କଟିବ।

**ବୃଷ** – ଖେଳକୁଦରେ ଭାଗ ନିଅନ୍ତୁ। ଆର୍ଥିକ ସ୍ଥିତି ଖରାପ ସମୟରେ ବନ୍ଧୁଙ୍କ ସହଯୋଗ ପାଇବେ। ରୋକି ରହିଥିବା ଅର୍ଥ ପ୍ରାପ୍ତି ଯୋଗ ଅଛି। ଛାତ୍ରମାନଙ୍କୁ ଶିକ୍ଷକଙ୍କ ଉପଦେଶ ନେବା ଉଚିତ। ପ୍ରେମୀଙ୍କ ମନ ଦୁଃଖିତ ହୋଇପାରନ୍ତି।

**ମିଥୁନ** – ଖରାପ ଅଭ୍ୟାସରୁ ଦୂରେଇ ରହନ୍ତୁ। ସୁସ୍ଥ ରହିବେ। ମୂଲ୍ୟବାନ ବସ୍ତୁ ଚୋରି ହୋଇପାରେ ବା ଅନ୍ୟଙ୍କ ସହ ବିବାଦ ଉପୁଜିପାରେ। କାର୍ଯ୍ୟକ୍ଷେତ୍ରରେ ନୂତନ ସଫଳତା ପାଇବେ। ଛାତ୍ରକୁ ଶିକ୍ଷା ପାଇଁ ଅତିରିକ୍ତ ଧନ ଖର୍ଚ୍ଚ କରିପାରନ୍ତି।

**କର୍କଟ** – ସ୍ୱାସ୍ଥ୍ୟ ଖରାପ ହେବା ଯୋଗୁ ମନ ଦୁଃଖ ହୋଇପାରେ। ଆୟରେ ବୃଦ୍ଧି ହେବ। ବ୍ୟବସାୟରେ ଭଲ ଧନ ନିବେଶ କରିପାରନ୍ତି। ପରିବାରରେ ସମୟ କଟିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେନାହିଁ।

**ସିଂହ** – ଉତ୍ତମ ସ୍ୱାସ୍ଥ୍ୟ ରହିବ। ଅର୍ଥାଭାବ ଦୂରେଇବା ପାଇଁ ଯୋଜନା କରନ୍ତୁ। ପରିବାରରେ ସୁଖଶାନ୍ତି ରହିବ। ବଡଭାଇ, ଭଉଣୀଙ୍କ ସହ ସମ୍ପର୍କ ବଢ଼ିବ। ଛାତ୍ରମାନଙ୍କ ଭବିଷ୍ୟତ କଷ୍ଟରୁ ନିସ୍ତାର ପାଇବେ।

**କନ୍ୟା** – ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଅନ୍ୟକୁ ଅତ୍ୟଧିକ ବିଶ୍ୱାସ କରନ୍ତୁ ନାହିଁ। ପରିବାରରେ ନିଜର ଅସ୍ତିତ୍ୱକୁ ଜାହିର କରିବେ। ଅତି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ନ୍ତୁ। ଛାତ୍ରମାନେ ଅନେକ ଭଲ ଖବର ପାଇବେ।

**ତୁଳା** – ମାନସିକ ଅସ୍ଥିରତା ବଢ଼ିବ। ଧନ ଥାଇ ମଧ୍ୟ ଅସୁବିଧାରେ ପଡିପାରନ୍ତି। ଦୂରଯାତ୍ରା କରିପାରନ୍ତି। ପରିବାରରେ ଭଲ ସମୟ କଟିବ। ଛାତ୍ରମାନେ ଭାଗ୍ୟର ସହଯୋଗ ପାଇବେ। ପ୍ରେମୀମାନଙ୍କ ସମ୍ପର୍କ ମଜବୁତ ହେବ।

**ବିଛା** – ମନ ଅସ୍ଥିର ରହିବ। ସଞ୍ଚୟ କରିବେ। ନିଜର ବିଶ୍ୱସ୍ତ ଲୋକ କଷ୍ଟ ଦେଇପାରନ୍ତି। ଘରର ଲୋକ ଅସୁସ୍ଥ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇନପାରନ୍ତି। ଛାତ୍ରମାନେ ଅଚାନକ ସଫଳ ହେବେ।

**ଧନୁ** – ମନ ଓ ଶରୀର ଦୁର୍ବଳ ଅନୁଭବ କରିବେ। ଅଚାନକ ଅର୍ଥ ପ୍ରାପ୍ତି ଯୋଗ ଅଛି। ସଞ୍ଚୟ କରିପାରନ୍ତି। ଘରର ଲୋକମାନେ ଶାନ୍ତି ଦେବେ। ଛାତ୍ରମାନେ ଅଗ୍ରଗତିର ରାସ୍ତା ପାଇବେ।

**ମକର** – କୌଣସି ତରଳ ଖାଦ୍ୟ ପାଇଁ ଶରୀର ଅସୁସ୍ଥ ହୋଇପାରେ। ପୂର୍ବରୁ ଖଟାଇଥିବା ଧନର କ୍ଷତିରୁ ମୁକୁଳିପାରନ୍ତି। ପରିବାରରେ ସମୟ କଟାଇବେ। ଯାନବାହନ କିଣି ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ।

**କୁମ୍ଭ** – ଖରାପ ଅଭ୍ୟାସ ବନ୍ଦ କରନ୍ତୁ। ଅଦରକାରୀ ବସ୍ତୁ କିଣି ଖର୍ଚ୍ଚାନ୍ତ ହୋଇପାରନ୍ତି। ପରିବାରରେ ବିବେକର ସହ ବ୍ୟବହାର କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଦମ୍ପତିମାନେ ଅପୋଷ ଆଲୋଚନା କରି ପୂର୍ବ ବିବାଦର ସମାଧାନ କରନ୍ତୁ।

**ମୀନ** – ନିଜର ବାଣୀରେ ଲଗାମ ଦିଅନ୍ତୁ। ଝଗଡା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସଞ୍ଚୟ ବଢ଼ିବ। ଛାତ୍ରମାନେ ବହୁତ ଅଧିକ ସଫଳତା ମିଳିବ। ଆପଣଙ୍କ ବ୍ୟବହାର ଓ କଥା ଯୋଗୁ ପ୍ରେମିକ ଆହତ ହୋଇପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୭ ମେଗା ଟେକ୍ସଟାଇଲ ପାର୍କକୁ ମିଳିଲା ମଞ୍ଜୁରୀ



**ନୂଆଦିଲ୍ଲୀ :** ଦେଶରେ ସ୍ଥାପନ ହେବ ମେଗା ଟେକ୍ସଟାଇଲ ପାର୍କ। ଆଉ ଏହା ଜରିଆରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ। ପିଏମ ମିତ୍ର ଯୋଜନାରେ ଦେଶରେ ୭ଟି ମେଗା ଟେକ୍ସଟାଇଲ ପାର୍କ ସ୍ଥାପନ ହେବ। ଏଥିପାଇଁ ଆସନ୍ତା ୫ ବର୍ଷରେ ୪,୪୪୫ କୋଟି ଟଙ୍କା ବିନିଯୋଗ ହେବ। ଏନେଇ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଥିବା କେନ୍ଦ୍ର ମନ୍ତ୍ରୀ ପୀୟୁସ ଗୋଏଲ କହିଛନ୍ତି। ୨୦୨୧-୨୨ ବଜେଟରେ ଏହି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିବା ବେଳେ ଏହାର କାର୍ଯ୍ୟକାରୀ ନେଇ କେନ୍ଦ୍ର ସରକାର ଏବେ ପଦକ୍ଷେପ ନେଇଛନ୍ତି। ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ମୋଟ ୪,୪୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପାର୍କ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ସାଇଟରେ ସ୍ଥାପନ କରାଯିବ। ଏଥିପାଇଁ ରାଜ୍ୟ ସରକାର ଇକୋସିଷ୍ଟମ ଉପଲବ୍ଧ ୧୦୦୦ରୁ ଅଧିକ ଏକର ଜମି ଯୋଗାଇ ଦେବେ। ଯେଉଁଠି ଟେକ୍ସଟାଇଲ ସମ୍ବନ୍ଧୀୟ ସମସ୍ତ ସୁବଧା ଥିବ। ଏହି ଯୋଜନା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରୁଛନ୍ତି। ଏନେଇ ୧୦ଟି ରାଜ୍ୟ ଆଗ୍ରହ ଦେଖାଇ ସାରିଛନ୍ତି ବୋଲି କେନ୍ଦ୍ର ବୟନ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି। ତାମିଲନାଡୁ, ପଞ୍ଜାବ, ଓଡିଶା, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାଜସ୍ଥାନ, ଆସାମ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନା ଏହି ଯୋଜନାରେ ଆଗ୍ରହ ପ୍ରକାଶ କରିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପ୍ରତ୍ୟେକ ଗ୍ରୀନଫିଲଡ୍ ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଏବଂ ବ୍ରାଉନଫିଲ୍ଡ ପାର୍କ ପାଇଁ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଟଙ୍କା ଦେବେ। ଏହା ବ୍ୟତୀତ ଟେକ୍ସଟାଇଲ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ପ୍ରତ୍ୟେକ ପିଏମ ପାର୍କକୁ ପ୍ରୋତ୍ସାହନ ରାଶି ଭାବରେ ୩୦୦ କୋଟି ଟଙ୍କା ପ୍ରଦାନ କରାଯିବ। ଟେକ୍ସଟାଇଲ୍ ପାର୍କରେ ଇନକ୍ୟୁବେସନ ସେଣ୍ଟର ଏବଂ ଖେଳ ପାଇଁ ସୁବିଧା ସହ ଶ୍ରମିକମାନଙ୍କ ହଷ୍ଟେଲ ଏବଂ ଗୃହ, ଲଜିଷ୍ଟିକ୍ ପାର୍କ, ଚିକିତ୍ସା ସୁବିଧା ଏବଂ ତାଲିମ ଏବଂ ଦକ୍ଷତା ବିକାଶ ପାଇଁ ଭିତ୍ତିଭୂମି ତିଆରି ହେବ। ଏହି ପାର୍କଗୁଡିକରେ ଉତ୍ପାଦନ ପାଇଁ ୫୦ ପ୍ରତିଶତ, ୟୁଟିଲିଟି ପାଇଁ ୨୦ ପ୍ରତିଶତ ଏବଂ ବ୍ୟବସାୟିକ ବିକାଶ ପାଇଁ ୧୦ ପ୍ରତିଶତ କ୍ଷେତ୍ର ରହିବ। ବିଶେଷ କରି ବୁଣାକାରଙ୍କ ବ୍ୟବସାୟିକ ଲାଭ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ। ଏହି ପ୍ରକଳ୍ପ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ପିଏମ ମିତ୍ରା ଯୋଜନା ପ୍ରତ୍ୟକ୍ଷ ୭ ଲକ୍ଷ ଓ ପରୋକ୍ଷରେ ୧୪ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଏପ୍ରିଲରୁ ବଢ଼ିବ ପୁରୁଣା ଗାଡ଼ିର ପୁନଃ ପଞ୍ଜିକରଣ ଓ ଫିଟନେସ୍ ଫି'

**ନୂଆଦିଲ୍ଲୀ :** ଆସନ୍ତା ଏପ୍ରିଲରୁ ବଢ଼ିବ ପୁରୁଣା ଗାଡ଼ିର ପୁନଃ ପଞ୍ଜିକରଣ ଓ ଫିଟନେସ୍ ଫି। ବିଶେଷକରି କାର ଅନ୍ୟ ବାଣିଜ୍ୟକ ଯାନ ବାହାନ କ୍ଷେତ୍ରରେ ଏହି ଦର ୮ ଗୁଣା ବଢ଼ିଛି। ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ପାଇଁ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ ନୂଆ ଫି ଧାର୍ଯ୍ୟ କରିଥିବା ବେଳେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏବେ ବାଇକ ରେଜିଷ୍ଟ୍ରେସନ ଫି ୩ ଶହ ଟଙ୍କା ଥିବା ବେଳେ ପୁନଃ ପଞ୍ଜିକରଣ ଫି ୧ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୩ ଚକିଆ ଯାନ ପାଇଁ ରେଜିଷ୍ଟ୍ରେସନ ଫି ୬ ଶହ ଟଙ୍କା ଥିବା ବେଳେ ପୁନଃ ପଞ୍ଜିକରଣ ପାଇଁ ୨୫ ଶହ ଟଙ୍କା ଦେବାକୁ ପଡିବ। କାର୍ ଏବଂ ଜିପ୍ ଭଳି ହାଲୁକା ମୋଟର ଯାନ ରେଜିଷ୍ଟ୍ରେସନ ଫି ୬ ଶହ ଟଙ୍କା ଥିବା ବେଳେ ରିନ୍ୟୁଆଲ ଫି ୫ ହଜାରକୁ ବୃଦ୍ଧି ପାଇଛି।

## ଆଫଗାନିସ୍ତାନ ପାଇଁ ଭାରତକୁ ଗହମ ମାଗିଲା ଜାତିସଂଘ

**ଜେନେଭା :** ତାଲିବାନ-ଶାସିତ ଆଫଗାନିସ୍ତାନରେ ବର୍ତ୍ତମାନ ଘୋର ଖାଦ୍ୟ ସଂକଟ ଦେଖାଦେଇଛି। ଦେଶର ନିରନ୍ନ ଜନଙ୍କ ମୁହଁରେ ଆହାର ଦେବା ନିମନ୍ତେ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫ୍‌ପି) ତରଫରୁ ଭାରତକୁ ଗହମ ମଗାଯାଇଥବା ଆଫଗାନିସ୍ତାନରେ କାର୍ଯ୍ୟରତ ଡବ୍ଲୁଏଫ୍‌ପି କର୍ମକର୍ତ୍ତାଙ୍କ ସୂତ୍ରରୁ ଜଣାପଡ଼ିଛି। ଡବ୍ଲୁଏଫ୍‌ପିର ଆଫଗାନିସ୍ତାନ ନିର୍ଦ୍ଦେଶକ ମେରୀ-ଏଲେନ ମ୍ୟାକଗ୍ରୋର୍ଟି ବୁଧବାର କହିଛନ୍ତି ଯେ, ଗତ ଦୁଇ ସପ୍ତାହ ହେଲା ଏ ବାବଦରେ ଭାରତ ସହ କଥାବାର୍ତ୍ତା ଚାଲିଛି ଏବଂ ଭାରତ ଖୁବ୍‌ଶୀଘ୍ର ସାହାଯ୍ୟ ଯୋଗାଇଦେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଆଫଗାନିସ୍ତାନବାସୀ ବର୍ତ୍ତମାନ ସମୂହ ଅନାହାରରେ ରହିବା ପରି ସ୍ଥିତିକୁ ଆସିଯାଇଥିବା ବେଳେ ଭାରତ ଗତବର୍ଷ ଯୋଗାଇ ଦେଇଥିବା ୭୫,୦୦୦ ଟନ୍ ଗହମ ଏ ବର୍ଷ ବି ଯୋଗାଇଦେବାକୁ ଜାତିସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ୧.୧ ଲକ୍ଷ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ : ରିପୋର୍ଟ



**ନୂଆଦିଲ୍ଲୀ :** ଦେଶରେ ଶିକ୍ଷା ବ୍ୟବସ୍ଥାର ଚିତ୍ର କେମିତି ରହିଛି ଏହାର ଏକ ଝଲକ ଏକ ରିପୋର୍ଟରୁ ଦେଖିବାକୁ ମିଳିଛି। ଦେଶର ପାଖାପାଖି ୧.୧ ଲକ୍ଷ ସ୍କୁଲରେ ଅଛନ୍ତି ମାତ୍ର ଜଣେ ଶିକ୍ଷକ। ଏହି ଦାବି କରିଛି ୟୁନେସ୍କୋ। ମିଳିତ ଜାତିସଂଘର ଏହି ସଂଗଠନର '୨୦୨୧ ଭାରତ ପାଇଁ ଶିକ୍ଷା ରିପୋର୍ଟର ସ୍ଥିତି: ଶିକ୍ଷକ ନାହିଁ, ଶ୍ରେଣୀ ଗୃହ ନାହିଁ'ରେ ଏମିତି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ, ଦେଶରେ ସ୍କୁଲଗୁଡିକରେ ୧୧.୧୬ ଲକ୍ଷ ଅର୍ଥାତ ୧୯ ପ୍ରତିଶତ ଶିକ୍ଷକ ପଦ ଖାଲି ପଡିଛି। ଏଥିରୁ ୬୯ ପ୍ରତିଶତ ଖାଲି ପଦ ଗ୍ରାମାଞ୍ଚଳ ସ୍କୁଲଗୁଡିକରେ ରହିଛି। ଦେଶର ତିନୋଟି ରାଜ୍ୟରେ ଏକ ଲକ୍ଷରୁ ଅଧିକ ଖାଲି ପଦ ରହିଛି। ଏଥିରେ ଉତ୍ତର ପ୍ରଦେଶରେ ଶିକ୍ଷକଙ୍କ ୩.୩ ଲକ୍ଷ ପଦ, ବିହାରରେ ୨.୨ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ୧.୧ ଲକ୍ଷ ପଦ ଖାଲି ପଡିଛି। ୟୁନେସ୍କୋ ରିପୋର୍ଟରେ ଏହି ତିନୋଟି ରାଜ୍ୟକୁ ସବୁଠୁ ଖରାପ ମାନଦଣ୍ଡ ରାଜ୍ୟର ମାନ୍ୟତା ଦିଆଯାଇଛି। ବିହାରର ୮୯ ପ୍ରତିଶତ ଖାଲି ପଦ ଗ୍ରାମାଞ୍ଚଳରେ ରହିଛି। ଉତ୍ତର ପ୍ରଦେଶରେ ଏହି ସଂଖ୍ୟା ୮୦ ପ୍ରତିଶତ ଏବଂ ପଶ୍ଚିମବଙ୍ଗରେ ୬୯ ପ୍ରତିଶତ ଗ୍ରାମାଞ୍ଚଳ ଗୁଡିକରେ ଶିକ୍ଷକ ପଦ ଖାଲି ପଡିଛି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଶିକ୍ଷକଙ୍କ ଅଭାବ ପୂରଣ ପାଇଁ ଭାରତକୁ ୧୧.୧୬ ଲକ୍ଷ ଅତିରିକ୍ତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ପିଏଲଏଫଏସର ୨୦୧୮-୧୯ର ତଥ୍ୟ ଆଧାରରେ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ରାଜ୍ୟଗୁଡିକରେ ଏକ ଲକ୍ଷ ୧୦ ହଜାର ୯୭୧ ସ୍କୁଲରେ କେବଳ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଏଥିରୁ ୬୯ ପ୍ରତିଶତ ସ୍କୁଲ ଗ୍ରାମାଞ୍ଚଳରେ ରହିଛି। ଅରୁଣାଚଳ ପ୍ରଦେଶ ଏବଂ ଗୋଆ ପରି ରାଜ୍ୟରେ ଏପରି ସ୍କୁଲ ସଂଖ୍ୟା ଅଧିକ ରହିଛି। ୟୁନେସ୍କୋର ରିପୋର୍ଟ ଅନୁଯାୟୀ, ଅରୁଣାଚଳ ପ୍ରଦେଶରେ ଜଣେ ଶିକ୍ଷକ ଥିବା ସ୍କୁଲର ସଂଖ୍ୟା ୧୮.୨୨ ପ୍ରତିଶତ ରହିଛି। ଅନ୍ୟପଟେ ଗୋଆରେ ଏମିତି ବିଦ୍ୟାଳୟ ସଂଖ୍ୟା ୧୬.୦୮ ପ୍ରତିଶତ, ତେଲେଙ୍ଗାନାରେ ୧୫.୭୧ ପ୍ରତିଶତ, ଆନ୍ଧ୍ର ପ୍ରଦେଶରେ ୧୪.୪ ପ୍ରତିଶତ, ଝାଡଖଣ୍ଡରେ ୧୩.୮୧ ଏବଂ ଉତ୍ତରାଖଣ୍ଡରେ ୧୩.୬୪ ପ୍ରତିଶତ ରହିଛି। ମଧ୍ୟ ପ୍ରଦେଶରେ ଏହି ସଂଖ୍ୟା ୧୩.୦୮ ପ୍ରତିଶତ ଏବଂ ରାଜସ୍ଥାନରେ ୧୦.୦୮ ପ୍ରତିଶତ ରହିଛି। ମଧ୍ୟ ପ୍ରଦେଶରେ ଜଣେ ଶିକ୍ଷକ ଥିବା ସ୍କୁଲ ସଂଖ୍ୟା ୨୧,୦୭୭ ରହିଛି।

## ଗୁରନାହଙ୍କୁ ସାହିତ୍ୟରେ ନୋବେଲ



**ଷ୍ଟକହୋମ :** ତାଞ୍ଜାନିଆର ବିଶିଷ୍ଟ ଔପନ୍ୟାସିକ ଅବଦୁଲରଜାକ ଗୁରନାହଙ୍କୁ ୨୦୨୧ ମସିହା ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିଛି। ଉପନିବେଶବାଦର ପ୍ରଭାବ ସଂପର୍କରେ ତାଙ୍କର ସାଲିସହୀନ ଏବଂ ସହାନୁଭୂତିଶୀଳ ପ୍ରବେଶ ସହିତ ସଂସ୍କୃତି ଓ ମହାଦେଶ ମଧ୍ୟରେ ରହୁଥିବା ପାର୍ଥକ୍ୟ ଯୋଗୁ ଶରଣାର୍ଥୀଙ୍କ ଭାଗ୍ୟ ସଂପର୍କରେ ତାଙ୍କର ଗଭୀର ପ୍ରବେଶ ରହିଛି। ଗୁରନାହଙ୍କ ଉକ୍ତ ଅବଦାନକୁ ସ୍ୱୀକୃତି ଦେଇ ନୋବେଲ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନ କରିଛି। ୧୯୪୮ ମସିହାରେ ଭାରତ ମହାସାଗରରେ ଅବସ୍ଥିତ ଜାଞ୍ଜିବର ଦ୍ୱୀପରେ ସେ ଜନ୍ମଲାଭ କରିଥିଲେ। କିନ୍ତୁ ଗତ ଶତାବ୍ଦୀର ଷଷ୍ଠ ଦଶକର ଶେଷ ଆଡ଼କୁ ସେ ଜଣେ ଶରଣାର୍ଥୀଭାବେ ଇଂଲାଣ୍ଡ ପଳାଇ ଥିଲେ। ଏହାପରେ ସେଠାରେ କାଣ୍ଟରବରିସ୍ଥିତ କେଣ୍ଟ ବିଶ୍ୱବିଦ୍ୟାଳୟରେ ଇଂରାଜୀ ଏବଂ ପୋଷ୍ଟକଲୋନିଆଲ ଲିଟରେଚର ବିଭାଗର ପ୍ରଫେସର ଥିଲେ। ନିକଟରେ ସେ ଏହି ପଦରୁ ଅବସର ନେଇଛନ୍ତି। ୭୩ ବର୍ଷୀୟ ଗୁରନାହଙ୍କର ୧୦ଟି ଉପନ୍ୟାସ ସହିତ ବହୁସଂଖ୍ୟକ କ୍ଷୁଦ୍ର ଗଳ୍ପ ପ୍ରକାଶ ପାଇଛି। ତାଙ୍କ ସୃଜନଶୀଳତାରେ ଶରଣାର୍ଥୀମାନଙ୍କର ସମସ୍ୟା ମୁଖ୍ୟ ପ୍ରସଙ୍ଗ ରହିଆସିଛି। ତାଙ୍କର ମାତୃଭାଷା ସ୍ୱାହିଲି। କିନ୍ତୁ ୨୧ ବର୍ଷ ବୟସରୁ ସେ ଇଂରାଜୀରେ ଲେଖାଲେଖି କରୁଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୧୦ ନିୟୁତ ସ୍ୱେଡିସ କ୍ରାଉନ୍ସ ବା ୧.୧୪ ନିୟୁତ ଡଲାର ମିଳିବ। ୧୯୮୬ରେ ଓ୍ୱୋଲେ ସୋୟିଙ୍କା ପୁରସ୍କାର ଜିତିବା ପରଠାରୁ ଗୁରନାହ ପ୍ରଥମ କୃଷ୍ଣକାୟ ଆଫ୍ରିକୀୟ ଭାବେ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ତାଙ୍କୁ ଏହି ପୁରସ୍କାର ମିଳିଥିବାରୁ ସେ ଅନୁଭବ କରିଥିବା ଶରଣାର୍ଥୀ ସମସ୍ୟା ଏବଂ ଉପନିବେଶବାଦ ପ୍ରସଙ୍ଗରେ ଆଗାମୀ ଦିନରେ ଅଧିକରୁ ଅଧିକ ଆଲୋଚନା ହେବ। ବର୍ତ୍ତମାନ ସୁଦ୍ଧା ସାହିତ୍ୟରେ ୧୧୭ ଜଣଙ୍କୁ ନୋବେଲ ପୁରସ୍କାର ମିଳିଛି। ସେମାନଙ୍କ ମଧ୍ୟରେ ୧୬ ଜଣ ମହିଳା ରହିଛନ୍ତି।

## 'ଅନ୍ତର୍ଜାତୀୟ ବଜାରର ପ୍ରଭାବ ଯୋଗୁଁ ଦେଶରେ ବଢୁଛି ତେଲ ଦାମ'



**ବୋରିଆକଲା :** ଦେଶରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ଅନ୍ତର୍ଜାତୀୟ ତୈଳ ଦର ଉପରେ ନିର୍ଭର କରେ। ଏଣୁ ମୂଲ୍ୟ ବୃଦ୍ଧି ପ୍ରସଙ୍ଗକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ସମାଧାନ କରିବା ଆବଶ୍ୟକ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା କହିଛନ୍ତି। ମଙ୍ଗଳବାର ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପୁଣି ଐତିହାସିକ ସ୍ତରରେ ପହଞ୍ଚିଥିବା ବେଳେ ସୀତାରମଣ ଏହା କହିଛନ୍ତି। ବିଜେପି କାର୍ଯ୍ୟାଳୟ କୁଶାଭାଉ ଠାକରେ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି ଯେ ଭାରତ ପେଟ୍ରୋଲିୟମ ଉତ୍ପାଦର ଏକ ବଡ଼ ଆମଦାନୀକାରୀ ଦେଶ। ଏଣୁ ଏହାର ବର୍ତ୍ତମାନ ଦର ବିଶ୍ୱବଜାରର ଦର ଉପରେ ନିର୍ଭରଶୀଳ। ଯେହେତୁ କେନ୍ଦ୍ର ଓ ରାଜ୍ୟ ସରକାର ଶୁଳ୍କ ଲାଗୁ କରୁଛନ୍ତି ତେଣୁ ମିଳିତ ପେଟ୍ରୋଲ ଓ ଡିଜେଲ ମୂଲ୍ୟବୃଦ୍ଧି ସମସ୍ୟାର ସମାଧାନ କରିବା ଉଚିତ। ଦେଶରେ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ୍ ମୂଲ୍ୟବୃଦ୍ଧି ସମ୍ପର୍କିତ ସାମ୍ବାଦିକଙ୍କ ପ୍ରଶ୍ନର ଜବାବରେ ସୀତାରମଣ ଏହା କହିଥିଲେ। ସେ କହିଥିଲେ ଯେ ଭାରତର ପେଟ୍ରୋଲ ଓ ଡିଜେଲ ଆବଶ୍ୟକତାର ୯୯ ପ୍ରତିଶତ ବିଦେଶରୁ ଆମଦାନୀ ହୋଇଥାଏ। ପେଟ୍ରୋଲ ଓ ଡିଜେଲ ଉପରେ କେବଳ କେନ୍ଦ୍ର ସରକାର ଶୁଳ୍କ ଲାଗୁ କରୁ ନାହାନ୍ତି ରାଜ୍ୟ ସରକାରମାନେ ମଧ୍ୟ କର ଲଗାଉଛନ୍ତି। ଏଣୁ ବୈଶ୍ୱିକ ତୈଳ ବଜାରରେ ମୂଲ୍ୟ ପରିବର୍ତ୍ତନ ହେଲେ ଆମେ ପ୍ରଭାବିତ ହେବା ସ୍ୱଭାବିକ ବୋଲି ସେ କହିଛନ୍ତି। ତେବେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଏବେ ସାଧାରଣ ନାଗରିକ ଉପରେ ବୋଝ ପାଲଟିଥିବା ସେ ସ୍ୱୀକାର କରିଛନ୍ତି। ଇନ୍ଧନର ବର୍ଦ୍ଧିତ ମୂଲ୍ୟ ସାଧାରଣ ନାଗରିକର ଆର୍ଥିକ ବୋଝ ବୃଦ୍ଧି କରିଥିବା ସେ କହିଛନ୍ତି। ଦେଶରେ ପେଟ୍ରୋଲ ଓ ଡିଜେଲ ଦର ମଙ୍ଗଳବାର ଏପର୍ଯ୍ୟନ୍ତ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ୨୦୧୪ ମସିହା ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ ଦର ପୁଣି ଉଚ୍ଚତମ ସ୍ତରରେ ପହଞ୍ଚିଥିବା ବେଳେ ଦେଶରେ ଇନ୍ଧନ ଦର ପୁଣି ବୃଦ୍ଧି ହୋଇଛି। ପେଟ୍ରୋଲ ଲିଟର ପିଛା ମୂଲ୍ୟରେ ପୁଣି ୨୫ ପଇସା ବୃଦ୍ଧି ହୋଇଥିବା ବେଳେ ଡିଜେଲ ୩୦ ପଇସା ବଢିଛି। ଫଳରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ପ୍ରତି ଲିଟର ଏବେ ୧୦୨ଟଙ୍କା ୬୪ ପଇସାକୁ ପହଞ୍ଚିଥିବା ବେଳେ ଆର୍ଥିକ ନଗରୀ ମୁମ୍ବାଇରେ ୧୦୮ ଟଙ୍କା ୬୭ ପଇସାରେ ବିକା ହେଉଛି। ସେହିପରି ଜିଲ୍ଲୀରେ ଡିଜେଲ ପ୍ରତି ଲିଟର ୯୧ଟଙ୍କା ୭ ପଇସାରେ ବିକ୍ରି ହେଉଥିବା ବେଳେ ମୁମ୍ବାଇରେ ୯୮ଟଙ୍କା ୮୦ ପଇସାର ରେକର୍ଡ ସ୍ତରରେ ପହଞ୍ଚିଛି।

**ବିଶ୍ୱ ବ୍ୟାଙ୍କର ପରାମର୍ଶ; ସ୍କୁଲ ଖୋଲିବା ପାଇଁ ଟିକାକୁ ଅପେକ୍ଷା କରିବା ଜରୁରୀ ନୁହେଁ**

# ପ୍ରଭାବିତ ହେଉଛି ପିଲାମାନଙ୍କ ବିକାଶ



**ନୂଆଦିଲ୍ଲୀ :** ପିଲାଙ୍କ ସ୍କୁଲ ଖୋଲିବା ପ୍ରସଙ୍ଗରେ ପରାମର୍ଶ ଦେଇଛି ବିଶ୍ୱ ବ୍ୟାଙ୍କ। ସଂସ୍ଥା ପକ୍ଷରୁ କୁହାଯାଇଛି, ଦେଶରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ବ୍ୟାପକ ଟୀକାକରଣ ପାଇଁ ଅପେକ୍ଷା କରିବା ଆବଶ୍ୟକ ନାହିଁ। କାରଣ ବୈଜ୍ଞାନିକ ପ୍ରମାଣ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ପିଲାମାନଙ୍କଠାରେ କୋଭିଡ୍-୧୯ ସଂକ୍ରମଣ ଆଶଙ୍କା କମ୍। ବିଶ୍ୱ ବ୍ୟାଙ୍କର ଶିକ୍ଷା ଦଳ ବିଶ୍ୱର ବିଭିନ୍ନ ଦେଶର ଅଭିଜ୍ଞତାକୁ ଆଧାର କରି ଏକ ନୀତି ନୋଟ୍ ପ୍ରସ୍ତୁତ କରିଛନ୍ତି ଯେଉଁଠାରେ ପୂର୍ବରୁ ବିଦ୍ୟାଳୟଗୁଡ଼ିକ ଖୋଲାଯାଇଛି। ସତର୍କତାର ସହିତ ବିଦ୍ୟାଳୟ ଖୋଲିବା ଦ୍ୱାରା ଛାତ୍ର, କର୍ମଚାରୀ ଏବଂ ସମାଜରେ ସଂକ୍ରମଣ ବିସ୍ତାର ହେବାର ଆଶଙ୍କା ବହୁତ କମ୍ ବୋଲି ପରାମର୍ଶ ଦିଆଯାଇଛି। କାରଣ, ମହାମାରୀର ଏକ ବର୍ଷ ପରେ, ବର୍ତ୍ତମାନ ଉଭୟ ଭୂତାଣୁ ଏବଂ ରୋଗ ବିଷୟରେ ପର୍ଯ୍ୟାପ୍ତ ସୂଚନା ରହିଛି। ସଂକ୍ରମଣର ପ୍ରଭାବକୁ କିପରି ହ୍ରାସ କରାଯାଇପାରିବ ସେନେଇ ମଧ୍ୟ ବ୍ୟବସ୍ଥା କରାଯାଉଛି। ଟିକା ବିକଶିତ ହେବା ପୂର୍ବରୁ ବିଦ୍ୟାଳୟ ଖୋଲିଥିବା ଦେଶଗୁଡିକର ଅଭିଜ୍ଞତାକୁ ଦେଖିଲେ ଏହା କୁହାଯାଇପାରେ ଯେ ବିଦ୍ୟାଳୟକୁ ଫେରିବା ପାଇଁ ଛାତ୍ରଛାତ୍ରୀଙ୍କ ଭୟ ଦୂର କରିବା ବ୍ୟତୀତ ବିଦ୍ୟାଳୟ ଖୋଲିବା ପାଇଁ ବ୍ୟାପକ ଟୀକାକରଣକୁ ଅପେକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ। ନୋଟରେ କୁହାଯାଇଛି ଯେ ବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବା ଦ୍ୱାରା ରୋଗ ହେବାର ଆଶଙ୍କା କମିଯାଏ, କିନ୍ତୁ ପିଲାମାନଙ୍କର ଶିକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ବିକାଶ ବିପଦରେ ପଡୁଛି। ବିଦ୍ୟାଳୟ ଖୋଲିବା ନିଷ୍ପତ୍ତିକୁ ଖୋଲିବା ଏବଂ ବନ୍ଦ କରିବା ମଧ୍ୟରେ ଲାଭ ଏବଂ କ୍ଷତି ସହିତ ତୁଳନା କରାଯିବା ଉଚିତ୍। ତଥାପି, ଏପର୍ଯ୍ୟନ୍ତ ଅନୁଭୂତି ଦର୍ଶାଏ ଯେ ବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବା ଅଧିକ କ୍ଷତିକାରକ। ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ବିଶ୍ୱର ୮୦ ପ୍ରତିଶତ ବିଦ୍ୟାଳୟ କାର୍ଯ୍ୟକ୍ଷମ ଅଛି। ଏଥିମଧ୍ୟରୁ ୫୪% ଛାତ୍ର ବ୍ୟକ୍ତିଗତ ଭାବରେ ଦେଖାଯାଉଛନ୍ତି। ୩୪ ପ୍ରତିଶତ ମିଶ୍ରିତ ମୋଡରେ ଚାଲୁଥିବାବେଳେ ୧୦ ପ୍ରତିଶତ କେବଳ ଦୂରତା ଶିକ୍ଷା ପାଇଁ ଖୋଲା ଅଛି। ନୋଟ୍ ଅନୁଯାୟୀ, ଯେଉଁଠାରେ ସରକାର ଏବଂ ସମାଜ ଭୟ କରୁଛନ୍ତି ଯେ ବିଦ୍ୟାଳୟ ଖୋଲିବା ଦ୍ୱାରା ସଂକ୍ରମଣ ବିସ୍ତାର ହୋଇପାରେ। କେବଳ ସେହି ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଛି। ଯେତେବେଳେ କି, ବିଦ୍ୟାଳୟ ଖୋଲିବା ସମ୍ବନ୍ଧୀୟ ପ୍ରମାଣ ଏହି ବିଶ୍ୱାସର ବିପରୀତ ଅଟେ। ଏହି ଦେଶଗୁଡିକ ବିଦ୍ୟାଳୟ ବନ୍ଦର କ୍ଷୟକ୍ଷତିର ଆକଳନ କରିବା ଉଚିତ, କାରଣ ସେଠାରେ ଏକ ପ୍ରମାଣ ଅଛି ଯେ ବିଦ୍ୟାଳୟ ବନ୍ଦ ବିଦ୍ୟାଳୟ ଖୋଲିବା ସହିତ ଜଡିତ ବିପଦଠାରୁ ଅଧିକ ଅଟେ। ଗତ ବର୍ଷ, କୋଭିଡ କାରଣରୁ ୧୮୮ରୁ ଅଧିକ ଦେଶରେ ସ୍କୁଲ ବନ୍ଦ କରି ୧.୬ ବିଲିୟନ ପିଲା ସ୍କୁଲ ଛାଡିଥିଲେ। ସେତେବେଳେ ଏହା ଠିକ୍ ଥିଲା, କାରଣ ସେତେବେଳେ ମହାମାରୀ ବିଷୟରେ କେହି ଜାଣି ନଥିଲେ, କିନ୍ତୁ ବର୍ତ୍ତମାନ ସ୍କୁଲ ବନ୍ଦ ହେବା କଥା ନୁହେଁ। ବିଶ୍ୱ ବ୍ୟାଙ୍କ କହିଛି ଯେ ନୀରିକ୍ଷଣ ଏବଂ ଅଧ୍ୟୟନରୁ ଜଣାପଡିଛି ଯେ ଛୋଟ ପିଲାମାନେ, ବିଶେଷକରି ଦଶ ବର୍ଷରୁ କମ୍ ପିଲାମାନେ ବୟସ୍କ ଏବଂ କିଶୋରମାନଙ୍କ ତୁଳନାରେ ସଂକ୍ରମଣରେ କମ୍ ଅସୁରକ୍ଷିତ ଅଟନ୍ତି। ତେଣୁ, ସେମାନଙ୍କଠାରେ ସଂକ୍ରମଣ ହେବାର ସମ୍ଭାବନା ବହୁତ କମ୍ ଅଟେ। ଏହା ବ୍ୟତୀତ, ଯଦିଓ ପିଲାମାନେ ସଂକ୍ରମଣରେ ପଡନ୍ତି, ତେବେ ସେମାନଙ୍କ ମଧ୍ୟରେ ମୃତ୍ୟୁ ହେବାର ଆଶଙ୍କା ବହୁତ କମ୍ ଅଟେ।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସଡ଼କ ପରିବହନ ରାଷ୍ଟ୍ର ମନ୍ତ୍ରୀ

# ତାମିଲନାଡୁ ମଡେଲ୍ ଅନୁକରଣ କର

**ଭୁବନେଶ୍ୱର :** ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ସାରା ଦେଶରେ ୨୦୧୯ରେ ପ୍ରତି ୧୦୦ଟି ସଡ଼କ ଦୁର୍ଘଟଣାରେ ୩୬.୬୫% ଲୋକ ମରିଥିବା ବେଳେ ଓଡ଼ିଶାରେ ୪୮.୦୨% ଲୋକ ମରିଛନ୍ତି। ୨୦୨୦ରେ ଜୁନ୍ ସୁଦ୍ଧା ଯେତିକି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିଲା ୨୦୨୧ରେ ସେହି ସମୟରେ ଅଧିକ ୨୫% ମୃତ୍ୟୁ ହୋଇଛି। ଗୋଲଡେନ୍ ଆୱାରରେ ଲୋକଙ୍କୁ ଚିକିତ୍ସା ଯୋଗାଯାଇ ପାରୁନଥିବାରୁ ମୃତ୍ୟୁ ସଂଖ୍ୟା ବି ବଢୁଛି। ସୁପ୍ରିମକୋର୍ଟର ସଡ଼କ ସୁରକ୍ଷା କମିଟିର ବାରମ୍ବାର ତାଗିଦ୍ ଏବଂ କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ସତ୍ତ୍ୱେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ କମୁନଥିବାରୁ କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଜେନେରୋଲ ଭି.କେ ସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶା ସରକାର ଦୁର୍ଘଟଣା ଜନିତ ମୃତ୍ୟୁ କମାଇବାକୁ ତୁରନ୍ତ ତାମିଲନାଡୁ ମଡେଲ୍ ଅନୁକରଣ କରିବାକୁ ଶ୍ରୀ ସିଂହ ନବୀନଙ୍କୁ କହିଛନ୍ତି। ଶ୍ରୀ ସିଂହ ଚିଠିରେ ଲେଖିଛନ୍ତି ଯେ ତାମିଲନାଡୁରେ '୪ଇ' ଫର୍ମୁଲା ଯଥା ଶିକ୍ଷା, ଇଞ୍ଜିନିୟରିଂ, ଏନଫୋର୍ସମେଣ୍ଟ, ଏମରଜେନ୍ସି କେୟାର ଯୋଗୁଁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କମିଛି। ଏପରିକି ଏହା ଯୋଗୁଁ ଗତ ୫ବର୍ଷରେ ତାମିଲନାଡୁରେ ୩୮% ଦୁର୍ଘଟଣା ଏବଂ ୫୪% ଦୁର୍ଘଟଣାଜନିତ ମୃତ୍ୟୁ କମିଛି। ମୁଖ୍ୟତଃ ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା, ନିଶାଦ୍ରବ୍ୟ ସେବନ କରିବା, କମ୍ ଆଲୋକରେ ଗାଡ଼ି ଚଳାଇବା, ନାଲିବତୀ ସିଗନାଲ୍




ନମାନିବା, ଓଭରଟେକ୍ କରିବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା, ଖରାପ ରାସ୍ତା, ବହୁ ତ୍ରୁଟି ଥିବା ଗାଡ଼ି ଚାଳିବା, ସାଇକେଲ ଚାଳକ ଓ ପଥଚାରୀଙ୍କ ଭୁଲ୍, ଖରାପ ପାଣିପାଗ, ସାଧାରଣ ଲୋକଙ୍କ ଅବହେଳା ଯୋଗୁଁ ଦୁର୍ଘଟଣା ହେଉଛି। ତେଣୁ ସଡ଼କ ସୁରକ୍ଷା ନେଇ ବର୍ଷତମାମ୍ ବିଭିନ୍ନ କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରିବା, ଜିଲ୍ଲା ସ୍ତରରେ ସଂସଦୀୟ ସଡ଼କ ସୁରକ୍ଷା କମିଟିର ବୈଠକ ନିୟମିତ ବ୍ୟବଧାନରେ କରିବା, ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ପରିଷଦର ନିୟମିତ ବୈ?ଠକ କରିବା, ଗୋଟିଏ ଏଡିଜିପି (ସଡ଼କ ସୁରକ୍ଷା) ପଦବି ସୃଷ୍ଟି କରି ଉକ୍ତ ଅଧିକାରୀଙ୍କୁ ରାଜ୍ୟ ପୁଲିସର ନୋଡାଲ ଅଫିସର ଭାବେ ନିଯୁକ୍ତି ଦେବା ଏବଂ ସମସ୍ତ ଦୁର୍ଘଟଣା ତଥ୍ୟ, ଦୁର୍ଘଟଣା ଜନିତ ମୃତ୍ୟୁର କାରଣର ଡାଟାବେସ୍ ପ୍ରସ୍ତୁତ କରିବା, ଗୋଲଡେନ୍ ଆୱାରରେ ସମସ୍ତ ଚିକିତ୍ସା ଯୋଗାଇବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିବା, ସମସ୍ତ ବ୍ଲାକ୍‌ସ୍ପଟ୍ ଏବଂ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ରାସ୍ତାର ମରାମତି କରିବାକୁ ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ ତାଙ୍କ ଚିଠିରେ କହିଛନ୍ତି। ଏହାପରେ ରାଜ୍ୟରେ ଏହି ସବୁ ପଦକ୍ଷେପ ନେବାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ କୁହାଯାଇଛି।

## ଓପୋଲଫେଡ୍ ବିରୁଦ୍ଧରେ ମକଦ୍ଦମାକୁ ଖାରଜ କଲେ ଲୋକାୟୁକ୍ତ

**ଭୁବନେଶ୍ୱର, (ଶୀଳଭଦ୍ର ଶାସ୍ତ୍ରୀ) :** ଘଟଣାରୁ ପ୍ରକାଶ ଯେ, ବିଷ୍ଣୁମୋହନ ରଥ ନାୟକ ଜନୈକ ରାଜନୈତିକ ବ୍ୟକ୍ତି ଓପୋଲଫେଡ଼ର ପରିଚାଳନା ନିର୍ଦ୍ଦେଶକ ଓ ଜେନେରାଲ ମ୍ୟାନେଜର ଡାକ୍ତର ବିମଳ କୁମାର ମହାପାତ୍ରଙ୍କ ବିରୁଦ୍ଧରେ ଓଡ଼ିଶାର ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ କି ଏହି ସରକାରୀ ଅଧିକାରୀମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ଥିବା ଏମ୍. କେଶବ ରାଓଙ୍କ ଓପୋଲଫେଡ୍ କ୍ୟାବିନ୍‌କୁ ଅନୈତିକ ଉପାୟରେ ଲାଞ୍ଚ ନେଇ ତାଙ୍କୁ ବିରିୟାନୀ ଓ ଅନ୍ୟାନ୍ୟ ଦ୍ରୁତ ଖାଦ୍ୟ (ଫାଷ୍ଟ ଫୁଡ୍) ବିକ୍ରି ଅନୁମତି ଦେଉଛନ୍ତି। କାରଣ ଓପୋଲଫେଡ୍ ନିୟମ ଅନୁସାରେ ତାଙ୍କର ଦୋକାନୀମାନେ କେବଳ କୁକୁଡା ଅଣ୍ଡା ଓ କଞ୍ଚାମାଂସ ବିକ୍ରି କରିପାରିବେ, ତେଣୁ ଅନ୍ୟ ଖାଦ୍ୟ ବିକ୍ରି ଏବଂ ଦୋକାନ ଆଗରେ ନିଜସ୍ୱ ନାମଫଳକ ଲଗାଇ ପାରିବେ ନାହିଁ। ଏହି ମକଦ୍ଦମାରେ ଓପୋଲଫେଡ୍ ତରଫରୁ ଓକିଲ ଶୀଳଭଦ୍ର ଶାସ୍ତ୍ରୀ ଓ ଶିକ୍ତିସିଦ୍ଧାର୍ଥ ମହାନ୍ତି ହାଜର ହୋଇ ଜବାବ ରଖିଥିଲେ ଯେ, ଏହି ମକଦ୍ଦମା ଉଦ୍ଦେଶ୍ୟମୂଳକ ଭାବରେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରାଯାଇଛି। କାରଣ ଓପୋଲଫେଡ୍ ଗତ ୨୦୧୫ ମସିହାରେ ଏକ ଖବରକାଗଜ ବିଜ୍ଞପ୍ତି ଜରିଆରେ ତାଙ୍କ ବ୍ୟବସାୟୀମାନଙ୍କୁ ନିଜସ୍ୱ ନାମଫଳକ ଲଗାଇବା ଓ ଫାଷ୍ଟ ଫୁଡ୍ ବିକ୍ରି କରିବାକୁ ବାରଣ କରିଥିଲେ। ତେଣୁ ଏହି ନିର୍ଦ୍ଦେଶ ବିରୁଦ୍ଧରେ ପ୍ରାୟ ୩୯ଜଣ ବ୍ୟବସାୟୀ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ମକଦ୍ଦମା କରିଛନ୍ତି ଏବଂ ସେମାନଙ୍କୁ ଅନୁମତି ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି, ଯାହାକି ଅଦ୍ୟାବଧି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଚାଲିଛି। ତା' ଛଡା ଏହା ମଧ୍ୟ ମାନ୍ୟବର ଲୋକାୟୁକ୍ତଙ୍କୁ ଓପୋଲଫେଡ୍ ତରଫରୁ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱର ମହାନଗର ନିଗମ ଖାଦ୍ୟ ବିକ୍ରି ଅନୁମତି ଦେଇଛନ୍ତି ଓ ସାଧାରଣ ପ୍ରଶାସନ ବିଭାଗ ବ୍ୟବସାୟ କରିବାକୁ ଜାଗା ଦେଇଛନ୍ତି। ତେଣୁ ଏହି ମକଦ୍ଦମାରେ ଓପୋଲଫେଡ୍ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଅମୂଳକ ଅଟେ। ଏହି ମକଦ୍ଦମାର ଶୁଣାଣି କରି ମାନ୍ୟବର ଲୋକାୟୁକ୍ତ ଏଭଳି ମକଦ୍ଦମାକୁ ନାପସନ୍ଦ କରିବା ସହ ଲାଞ୍ଚ କାରବାର ଅଭିଯୋଗକୁ ପ୍ରମାଣମୂଳକ ତଥ୍ୟ ଅଭାବରୁ ମକଦ୍ଦମାକୁ ଖାରଜ କରି ଦେଇଛନ୍ତି। ଅଭିଯୋଗକାରୀଙ୍କ ତରଫରୁ ଓକିଲ ସତ୍ୟବ୍ରତ ସାହୁ ଓ ଜୀବନଜ୍ୟୋତି ଗଡନାୟକ ଏବଂ କେଶ ରାଓଙ୍କ ତରଫରୁ ଓକିଲ ସୁବାସ ପୁଷ୍ପାଳକ ମକଦ୍ଦମା ପରିଚାଳନା କରୁଥିଲେ।

# ନୀଳ ଜହର ମୂଳୋତ୍ପାଟନ ପାଇଁ ବ୍ଲୁ ପ୍ରିଣ୍ଟ

## ସାଟେଲାଇଟ୍ ଫଟୋ ଦେଖି ହେବ ଚଢ଼ଉ

**ଭୁବନେଶ୍ୱର :** ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟର କେଉଁ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଛି ତାହାକୁ ଚିହ୍ନଟ କରିବା ପାଇଁ ଆଗାମୀ ଦିନରେ ସାଟେଲାଇଟ୍ ଏବଂ ଡ୍ରୋନ୍ ବୈ?ଷୟିକ କୌ?ଶଳ ପ୍ରୟୋଗ କରି ଫଟୋ ଉଠାଯିବ। ଏହାକୁ ଦେଖି ଚଢ଼ଉ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏନେଇ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ ବସିଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଯେ, ଜିଲ୍ଲାୱାରି ସ୍ଥିତିର ସମୀକ୍ଷା କରି ପ୍ରବର୍ତ୍ତନ କାର୍ଯ୍ୟକ୍ରମକୁ ଅଧିକ ଶାଣିତ କରାଯାଉ। ଏଥିପାଇଁ ପୁଲିସ, ଅବକାରୀ ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷେତ୍ରସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳର ସବୁ ପରିବାର ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ନାହାନ୍ତି। ସଂପୃକ୍ତ ଥିବା ଲୋକଙ୍କ ବିଷୟରେ ସୂଚନା ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜେଇ ଚାଷ ଉପରେ ନିର୍ଭର କରି ଚଳୁଥିବା ଗରିବ ପରିବାର ନିମନ୍ତେ ଲକ୍ଷ୍ୟଭେଦୀ ବିକଳ୍ପ ଜୀବିକା ନିର୍ବାହ ପନ୍ଥା ଓ ଯୋଜନାମାନ



କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଓଡ଼ିଶା ଜୀବିକା ମିସନ, ଜାତୀୟ ଜୀବିକା ନିର୍ବାହ ମିସନ୍, ମହତ୍ମା ଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନା, ଅର୍ଥକାରୀ ଫସଲ ଚାଷ, କୃଷିଜାତ ଦ୍ରବ୍ୟର ଏକତ୍ରୀକରଣ, ଫସଲ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ, ଗୋ-ପାଳନ, ଛେଳି ପାଳନ, କୁକୁଡ଼ା ଚାଷ, ସମନ୍ୱିତ କୃଷି ଆଦି ପ୍ରକଳ୍ପକୁ ଅଧିକରୁ ଅଧିକ ସଂଖ୍ୟାରେ ଅନୁମୋଦିତ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ସେହିପରି ଯେଉଁ ଅଞ୍ଚଳଗୁଡ଼ିକରେ ପୂର୍ବରୁ ଗଞ୍ଜେଇ ଚାଷ ହେବାର ସୂଚନା ଅଛି ସେସବୁ ଗ୍ରାମକୁ ଚାଷ ଋତୁ ଆରମ୍ଭରୁ ଯାଇ ଲୋକଙ୍କୁ ବିକଳ୍ପ ଜୀବିକା ବିଷୟରେ ବୁଝାଇବା ନିମନ୍ତେ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା ଯୋଗ ଦେଇ ଗଞ୍ଜେଇ ଚାଷ ବିରୁଦ୍ଧରେ ଜନସେଚତନତା ଏବଂ ଜନମତ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ।




ଭୁବନେଶ୍ୱର : ପାର୍ବଣ ସମୟରେ ଅଚ୍ୟୁତନ୍ତ ଟ୍ରଷ୍ଟ ପକ୍ଷରୁ ଦାନ ଉତ୍ସବ

### ଓଡ଼ିଶାରେ ଶିକାରୀଙ୍କ ନିଶାଣରେ କଲରାପତରିଆ

# ବର୍ଷକରେ ଜବତ ହେଲାଣି ୧୬ ଛାଲ

**ଭୁବନେଶ୍ୱର :** କଲରାପତରିଆ ବାଘ (ଲିଓପାର୍ଡ)ଙ୍କ ପାଇଁ ଓଡ଼ିଶାର ଜଙ୍ଗଲ ଅସୁରକ୍ଷିତ ପାଲଟି ଯାଇଛି। ଘଞ୍ଚ ଜଙ୍ଗଲରେ ଘୂରି ବୁଲୁଛନ୍ତି ଶିକାରୀ, ଓ ବନ୍ୟଜନ୍ତୁ ମାଫିଆ। ନୟାଗଡ଼, ସୁନ୍ଦରଗଡ଼, ଆଠଗଡ଼, ବୌଦ୍ଧ, କନ୍ଧମାଳ, ଆଠମଲ୍ଲିକ ଆଦି ଜଙ୍ଗଲ ପାଲଟି ଯାଇଛି ଶିକାରୀଙ୍କ ଆଡ୍ଡା। ଗତ ବର୍ଷକ ଭିତରେ ଏସଟିଏଫ୍ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୬ଟି କଲରାପତରିଆ ବାଘ ଛାଲ ଜବତ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏହି ସବୁ ବାଘ ବିଭିନ୍ନ ଜଙ୍ଗଲରୁ ଶିକାର କରା ଯାଇଥିବା ଜଣାପଡ଼ିଛି। କିନ୍ତୁ ଏହାର ଟେର୍ ପାଉନି ବନ ବିଭାଗ। ଅନେକ ସମୟରେ ଶିକାରୀ ଧରା ପଡୁନାହାନ୍ତି। ବାଘ ଛାଲ ଜବତ କରାଯାଉଥିଲେ ମଧ୍ୟ ଶିକାର ପୂର୍ବରୁ ମିଳୁନି ସାମାନ୍ୟତମ ସୁରାକ୍। ଯାହା ବିଭାଗର ଅପାରଗତାକୁ ପଦାରେ ପକାଇଛି। ପୁଣିଥରେ ଏସଟିଏଫ୍ ହାତରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ହାଟସାହି ଅଞ୍ଚଳର



ବିଦ୍ୟାଧର ନାୟକ ନାମକ ଜଣେ ବେପାରୀ କଲରାପତରିଆ ଛାଲ ସହ ଧରାପଡ଼ିବା ପରେ ଓଡ଼ିଶାରେ କେମିତି ବେଧଡ଼କ କଲରପତିରିଆ ବାଘ ଶିକାର ଚାଲିଛି, ତାହା ସାମ୍ନାକୁ ଆସିଛି। ଏସଟିଏଫ୍ ସୂଚନା ଅନୁସାରେ, ଗତ ବର୍ଷେ ହେଲା ବନ୍ୟଜନ୍ତୁ ଚୋରା ଚାଲାଣ, ଶିକାର ଉପରେ ଜୋରଦାର ଚଢ଼ଉ କରାଯାଉଛି। ବର୍ଷକ ଭିତରେ ୧୬ଟି କଲରାପତରିଆ ଛାଲ, ୯ ହାତୀ ଦାନ୍ତ, ୪ ଜୀବନ୍ତ ବଜ୍ରକାପ୍ତା, ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯାଇଛି। ଏହି ସବୁ ମାମଲାରେ ୩୩ ଜଣଙ୍କୁ ଗିରଫ କରାଯାଇଥିବା କୁହାଯାଇଛି। କିନ୍ତୁ ଏତେ ସବୁ ପରେ ବି ଓଡ଼ିଶାରେ କଲରାପତିରିଆ ଓ ଅନ୍ୟ ବନ୍ୟଜନ୍ତୁ ଶିକାର ଉପରେ ରୋକ୍ ଲଗାଯାଇ ପାରୁନାହିଁ।

# ନିବୁଜ ହେବ ମୁକୁଳା ଡ୍ରେନ୍

**ଭୁବନେଶ୍ୱର :** ବଦଳିବ ସହରର ଡ୍ରେନ୍ ଡିଜାଇନ୍। ଡ୍ରେନରୁ ଜବର ଦଖଲ ବି ଉଠିବ । ଡ୍ରେନର ଦୁଇ କଡରେ ଲାଗିବ ୧୦ ଫୁଟ ଉଚ୍ଚତାର ନେଟ୍। ଦେଶର ବଡ ବଡ ସହରରେ ହୋଇଥିବା ଅତ୍ୟାଧୁନିକ ଡ୍ରେନ ଶୈଳୀରେ କଟକ ଓ ଭୁବନେଶ୍ୱରରେ ଡ୍ରେନ୍ ନିର୍ମାଣ ହେବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ ହୋଇ ଫେବୃୟାରୀ ସୁଦ୍ଧା ଡ୍ରେନ୍ ନିର୍ମାଣ ଓ ମୁକୁଳା ଡ୍ରେନ୍ କଭର କରିବା ନେଇ ଚୂଡାନ୍ତ ଟେଣ୍ଡର ପ୍ରକ୍ରିୟା ସରିବ। ମଙ୍ଗଳବାର ବିଧାନସଭା ନଗର ଉନ୍ନୟନ ବିଭାଗ ଷ୍ଟାଡିଙ୍ଗ କମିଟି ବୈଠକରେ ଡ୍ରେନେଜ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ଏହି ନିଷ୍ପତ୍ତି ହୋଇଛି। ନିକଟରେ ରାଜଧାନୀର ୮ ନମ୍ବର ଡ୍ରେନରେ ଭାସି ଜଣେ ଛାତ୍ରଙ୍କ ଜୀବନ ଯିବା



ପରେ ବିଭାଗର ଏବେ ଚେତା ପସିଛି। ପ୍ରଥମେ ମୁକୁଳା ଡ୍ରେନ୍ ଉପରେ ଅସ୍ଥାୟୀ ବ୍ୟାରିକେଟ୍ ନିର୍ମାଣ ହୋଇଛି। ତେବେ ସହରର ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ କମିଟି ସରକାରଙ୍କୁ ଏମିତି ପ୍ରସ୍ତାବ ଦେଇଛି। ଡ୍ରେନ୍ ଜବର ଦଖଲ ଓ କ୍ୟାଚେମେଣ୍ଟ ଏରିଆ କମ୍ ଥିବାରୁ ଏମିତି ସମସ୍ୟା ହୋଇଥିବାରୁ ଏହାର ସମାଧାନ ଲାଗି ନିଷ୍ପତ୍ତି ହୋଇଛି। ସହରରେ ୧୩ଟି ବଡ ଡ୍ରେନ୍ ରହିଛି। ସେଥିରୁ ୭୫ଟି ଜାଗାରେ ବିପଦ ସଙ୍କୁଳ ଅବସ୍ଥାରେ ଅଛି। ଜବର ଦଖଲ ଓ ପୋତିହେବା କାରଣରୁ ଡ୍ରେନରେ ଜଳ ଧାରଣ କ୍ଷମତା ବଢ଼ିଯିବ। ଡ୍ରେନ ନିର୍ମାଣରେ ବାଧକ ସାଜୁଥିବା ଘରୋଇ ଜମିକୁ ତୁରନ୍ତ ଅଧିଗ୍ରହଣ କରି କାମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଆର ଆଣ୍ଡ ବି, ବିଏମସି ଓ ଜାତୀୟ ରାଜପଥ ଆଦି ଭିନ୍ନ ଭିନ୍ନ ବିଭାଗର ରାସ୍ତା ସହରରେ ଥିବାରୁ ବିଭାଗ ଭିତରେ ସମନ୍ୱୟ ଅଭାବରୁ ଡ୍ରେନ୍ ସମସ୍ୟା ବଢୁଛି ବୋଲି କମିଟି ଅନୁଭବ କରିଛି। ତେବେ ନୂଆ ଡ୍ରେନର କେତେ ଆବଶ୍ୟକତା ଅଛି ଓ ଡ୍ରେନର ଡିଜାଇନ କିପରି ହେବ ତାର ଆକଳନ କରିବାକୁ ଏକ୍ସପର୍ଟ ଟିମ୍ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ୯୪% ସ୍କୁଲରେ ନାହିଁ ଇଣ୍ଟରନେଟ୍

**ଭୁବନେଶ୍ୱର :** ରାଜ୍ୟ ସରକାର ଏବେ ଗ୍ରାମାଞ୍ଚଳର ସ୍କୁଲଗୁଡ଼ିକର ଟ୍ରାନ୍ସଫରମେସନ୍ ଉପରେ ଗୁରୁତ୍ୱ ଦେଇ କୋଟିକୋଟି ଟଙ୍କା ବ୍ୟୟ କରୁଥିବାବେଳେ ରାଜ୍ୟର ୯୪ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ସୁବିଧା ନାହିଁ। ରାଜ୍ୟରେ ବହୁସଂଖ୍ୟକ ସ୍କୁଲ ଶିକ୍ଷକ ଇଣ୍ଟରନେଟ୍ ଉପଯୋଗ କରିବାକୁ ପ୍ରଶିକ୍ଷିତ ହୋଇନଥିବାବେଳେ ଅଫଲାଇନରେ ପାଠ ପଢ଼ାଇବା ନିମନ୍ତେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ସେମାନଙ୍କର ନାହିଁ। ୟୁନେସ୍କୋ ପକ୍ଷରୁ ଗତ ମଙ୍ଗଳବାର ଜାରି 'ଷ୍ଟେଟ୍ ଅଫ ଦି ଏଜୁକେସନ୍ ରିପୋର୍ଟ ଫର ଇଣ୍ଡିଆ'ରେ ଏଭଳି ତଥ୍ୟ ପଦାକୁ ଆସିଛି। ଏହି ରିପୋର୍ଟ ଅନୁସାରେ, ଓଡ଼ିଶାର ନିମ୍ନପ୍ରାଥମିକ ସ୍କୁଲରେ ୨.୮୬ ପ୍ରତିଶତ ଶିକ୍ଷକଙ୍କର ପାଠ ପଢ଼ାଇବା ପାଇଁ ଆବଶ୍ୟକ ଯୋଗ୍ୟତା ନଥିବାବେଳେ ପ୍ରାଥମିକ ସ୍କୁଲର ୩.୪୬ ପ୍ରତିଶତ ଶିକ୍ଷକ, ଉଚ୍ଚ ପ୍ରାଥମିକ ସ୍କୁଲର ୧.୬୧%, ମାଧ୍ୟମିକ ସ୍କୁଲର ୦.୪୫ % ଓ ଉଚ୍ଚ ମାଧ୍ୟମିକ ସ୍କୁଲର ୦.୩୪ ପ୍ରତିଶତ ଶିକ୍ଷକଙ୍କ ପାଖରେ ପାଠ ପଢ଼ାଇବା ପାଇଁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନାହିଁ। ସେହିପରି ରାଜ୍ୟରେ ମୋଟ ୬୮୭୧୭ଟି ସ୍କୁଲ ଥିବାବେଳେ ଏଥିରେ ମୋଟ ୩ଲକ୍ଷ ୪୦ହଜାର ୪୭୭ଜଣ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ୨୮୮୧୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି । ମୋଟ ସ୍କୁଲ ମଧ୍ୟରୁ ୯୧ ପ୍ରତିଶତ ସ୍କୁଲ ଗ୍ରାମାଂଚଳରେ ଥିବାବେଳେ ୮୪% ଶିକ୍ଷକ ଗ୍ରାମାଂଚଳ ସ୍କୁଲରେ କାର୍ଯ୍ୟ କରୁଛନ୍ତି । ମୋଟ ଶିକ୍ଷକଙ୍କ ମଧ୍ୟରେ ମାତ୍ର ୪୫% ମହିଳା ଶିକ୍ଷୟିତ୍ରୀ ହୋଇଥିବାବେଳେ ୩୧୯୭ଟି ସ୍କୁଲରେ ଜଣେ ଶିକ୍ଷକ ରହିଛନ୍ତି । ଆଉ ଏହି ଜଣକିଆ ଶିକ୍ଷକରେ ଚାଲୁଥିବା ସ୍କୁଲ ମଧ୍ୟରେ ୮୮ ପ୍ରତିଶତ ଗାଁରେ ରହିଛି । ସେହିପରି ୧୧ପ୍ରତିଶତ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଯେଉଁ ୨୮୮୧୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି ସେଥିରୁ ୬୭ ପ୍ରତିଶତ ଗ୍ରାମାଂଚଳରେ ଆବଶ୍ୟକ। ସେହିପରି ରାଜ୍ୟର ୯୪ ପ୍ରତିଶତ ସ୍କୁଲରେ ଲାଇବ୍ରେରୀ ଥିବାବେଳେ ୮୪ ପ୍ରତିଶତ ସ୍କୁଲକୁ ମାଗଣା ପାଠ୍ୟପୁସ୍ତକ ମିଳିଥାଏ । ୭୦ ପ୍ରତିଶତ ସ୍କୁଲକୁ ଶିକ୍ଷା ଅଧିକାରୀ ବା କର୍ତ୍ତୃପକ୍ଷମାନେ ପରିଦର୍ଶନରେ ଯାଇଥାନ୍ତି । ରାଜ୍ୟର ୯୯ ପ୍ରତିଶତ ସ୍କୁଲରେ ପାନୀୟ ଜଳ ସୁବିଧା, ୯୨ ପ୍ରତିଶତ ସ୍କୁଲକୁ ରାସ୍ତା, ୯୦ ପ୍ରତିଶତ ସ୍କୁଲରେ ପୁଅଙ୍କ ପାଇଁ ଶୌଚାଳୟ, ୯୩ ପ୍ରତିଶତ ସ୍କୁଲରେ ଝିଅଙ୍କ ପାଇଁ ଶୌଚାଳୟ, ୩୮ ପ୍ରତିଶତ ସ୍କୁଲରେ ବିଦ୍ୟୁତ ସଂଯୋଗ ଥିବାବେଳେ ୯୦ ପ୍ରତିଶତ ସ୍କୁଲର ଶ୍ରେଣୀଗୃହ ଭଲ ସ୍ଥିତିରେ ରହିଛି।

### ମୋ ସରକାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସର୍ବଜନ ହିତକାରୀ ସମାଜ ଗଠନ କରିବାକୁ ଆହ୍ୱାନ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ ମୋ ସରକାରର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ବିଭାଗୀୟ ଅଧିକାରୀମାନଙ୍କୁ ଏ କ୍ଷେତ୍ରରେ ଆହୁରି କ୍ରିୟାଶୀଳ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ସମସ୍ତେ ବିଭିନ୍ନ କ୍ଷେତ୍ରରେ ସରକାରୀ ସେବା ପାଉଛନ୍ତି ବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ହିତାଧିକାରୀ ଅଟନ୍ତି। ଏ ସମସ୍ତଙ୍କର ଫିଡବ୍ୟାକ ରେକର୍ଡ କରାଯାଇ ଏହା ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ବର୍ତ୍ତମାନ ଏହାକୁ ପରବର୍ତ୍ତୀ ସ୍ତରକୁ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ସବୁ ସ୍ତରରେ, ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଲୋକଙ୍କ ଠାରୁ ଅଧିକରୁ ଅଧିକ ଫିଡବ୍ୟାକ୍ ନେବାପାଇଁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ସବୁ ସରକାରଙ୍କ ଲକ୍ଷ୍ୟ ହେଉଛି ଲୋକଙ୍କୁ ସେବା ଯୋଗାଇଦେବା। ତେଣୁ ଲୋକଙ୍କ ଠାରୁ ନିୟମିତ ଭାବରେ ଫିଡବ୍ୟାକ୍ ଗ୍ରହଣ କରି ଏବଂ ତାହାକୁ ଭିତ୍ତିକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେଲେ କିମ୍ବା ନୀତି ବା ପ୍ରକ୍ରିୟାରେ ଆବଶ୍ୟକ ସଂଶୋଧନ କରିବା ଦ୍ୱାରା ଲୋକଙ୍କ ପାଖରେ ସରକାରଙ୍କ ପ୍ରାସଙ୍ଗିକତା ରହିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ପ୍ରଶାସନ ୫-ଟି ନୀତି ଦ୍ୱାରା ପରିଚାଳିତ ଏବଂ ଏହାଦ୍ୱାରା ସବୁ କ୍ଷେତ୍ରରେ ରୂପାନ୍ତର ଆଣିବା ଆମର ଲକ୍ଷ୍ୟ। ବିଭିନ୍ନ କ୍ଷେତ୍ରରେ ଓଡିଶା ଏବେ ଯେଉଁ ଉଲ୍ଲେଖନୀୟ ପଦକ୍ଷେପ ନେଇ ସାରା ବିଶ୍ୱର ନଜରକୁ ଆସିପାରିଛି। ମହିଳା ସଶକ୍ତିକରଣ ଠାରୁ ଆରମ୍ଭ କରି କୃଷକ ମାନଙ୍କୁ ସହାୟତା, ସହରାଞ୍ଚଳ ପରିଚାଳନା ବ୍ୟବସ୍ଥା, କ୍ରୀଡା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସେବା ଓ ସ୍କୁଲ ରୂପାନ୍ତର ଆଦି କାର୍ଯ୍ୟକ୍ରମ ଗୁଡିକରେ ରାଜ୍ୟ ଅନେକ ପ୍ରଶଂସା ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୋ ସରକାର ହେଉଛି ଏଭଳି ଏକ ସୁଦୂରପ୍ରସାରୀ ଚିନ୍ତାଧାରା, ଯାହାକି ଆମର ପ୍ରଶାସନିକ ବ୍ୟବସ୍ଥାର ପରୀକ୍ଷା ନିଏ। ଲୋକଙ୍କ ସେବା ଦିଗରେ ଆମର ଉଦ୍ୟମକୁ ପ୍ରମାଣିତ କରେ ଏବଂ ସରକାରଙ୍କୁ ଲୋକଙ୍କ ନିକଟତର କରାଏ। ମୋ ସରକାର କାର୍ଯ୍ୟକ୍ରମରେ ଟେକ୍ନୋଲୋଜି ସହାୟତାରେ ଆମେ ଲୋକଙ୍କ ଠାରୁ ସିଧାସଳଖ ଫିଡବ୍ୟାକ ନେଇପାରୁଛୁ। ଏହା ବ୍ୟବସ୍ଥାର ପରିବର୍ତ୍ତନର ସୂଚକ। ମୋ ସରକାର ଏକ ଭାଗିଦାରୀଭିତ୍ତିକ ଗଣତନ୍ତ୍ରର ସ୍ତମ୍ଭକୁ ସୁଦୃଢ଼ କରେ ଏବଂ ଏହାଦ୍ୱାରା ଓଡିଶାରେ ଆମେ ଏକ ସର୍ବଜନହିତକାରୀ ସମାଜ ଗଠନକୁ ଆମେ ସୁନିଶ୍ଚିତ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ଆମକୁ ଲୋକଙ୍କୁ ନ୍ୟାୟ ଦେବାରେ ସାହାଯ୍ୟ କରିବା ସହିତ ଜନସାଧାରଣଙ୍କ ବିଶ୍ୱାସକୁ ଭିତ୍ତିକରି ସବୁସ୍ତରରେ ବିଭିନ୍ନ ପ୍ରଶାସନିକ ସଂସ୍ଥା ଗୁଡିକୁ ଅଧିକ ଦକ୍ଷ, ଉତ୍ତରଦାୟୀ ଓ ସର୍ବଜନ ହିତକାରୀ କରିବାରେ ସହାୟକ ହେବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କେତେକ ହିତାଧିକାରୀଙ୍କ ସହିତ



ଟେଲିଫୋନ୍‌ରେ ସିଧାସଳଖ କଥାହୋଇ ସେମାନଙ୍କ ଠାରୁ ଫିଡବ୍ୟାକ ନେଇଥିଲେ। ଜାତିଗତ ପ୍ରମାଣପତ୍ର ନେବା ପାଇଁ ତହସିଲକୁ ଯାଇଥିବା ବ୍ୟକ୍ତି, ମ୍ୟୁନିସିପାଲ୍‌ଟିକୁ ସେବା ପାଇଁ ଯାଇଥିବା ବ୍ୟକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ପାଉଥିବା ବ୍ୟକ୍ତି, ଥାନାକୁ ବିଭିନ୍ନ ଅଭିଯୋଗ ନେଇ ଯାଇଥିବା ବ୍ୟକ୍ତି ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ କଥା ହୋଇଥିଲେ ଏବଂ ସେମାନେ କିପରି ସେବା ପାଇଲେ, ସେମାନଙ୍କ ସହିତ ଉତ୍ତମ ବ୍ୟବହାର କରାଯାଇଥିଲା କି ନାହିଁ, କିମ୍ବା ସେମାନଙ୍କ ଠାରୁ କୌଣସି ପ୍ରକାର ଅର୍ଥ ମଗାଯାଇଥିଲା କି ନାହିଁ, ସେ ସଂପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ତହସିଲ ଓ ସବ୍ ରେଜିଷ୍ଟ୍ରାର ଅଫିସରେ ଦିଆ ଯାଉଥିବା ସେବାରେ ଉନ୍ନତି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଯେଉଁ ବିଭାଗ ଗୁଡିକ ର ଲରରୟଭବମଳ ଗ୍ରହଣ ସନ୍ତୋଷ ଜନକ ନୁହେଁ ସେ ବିଭାଗ ଗୁଡିକର କାର୍ଯ୍ୟ ସମୀକ୍ଷା କରି ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟ ଶାସନ ସଚିବ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମୋ ସରକାର କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି କହିଲେ ଯେ ବ୍ୟବସ୍ଥା କିପରି କାମ କରୁଛି, ତାକୁ ଜାଣିବା ହେଉଛି ମୋ ସରକାରର ଲକ୍ଷ୍ୟ। ଲୋକଙ୍କୁ ସମ୍ମାନର ସହିତ ସେବା ଯୋଗାଇଦେବା ହେଉଛି ସରକାରଙ୍କ ଦାୟିତ୍ୱ । ସେମାନେ ଯେପରି କୌଣସି କାର୍ଯ୍ୟାଳୟରେ ଖରାପ ବ୍ୟବହାର ନ ପାଆନ୍ତି ଏବଂ ବୃତ୍ତିଗତ ସେବା ପାଆନ୍ତି, ତାକୁ ସୁନିଶ୍ଚିତ କରିବା ହେଉଛି ମୋ ସରକାରର ଲକ୍ଷ୍ୟ ବୋଲି ସେ କହିଥିଲେ। ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ସଚିବ ମନୋଜ କୁମାର ମିଶ୍ର ମୋ ସରକାର ଉପରେ ଏକ ଉପସ୍ଥାପନା ରଖି କହିଲେ ଯେ ବର୍ତ୍ତମାନ ୨୭ଟି ବିଭାଗର ୨୨୫ଟି ସେବା ମୋ ସରକାରରେ ଅନ୍ତର୍ଭୁକ୍ତ ହୋଇଛି। ଆଉ ମାସକ ମଧ୍ୟରେ ୨୫୦ଟି ସେବା ଅନ୍ତର୍ଭୁକ୍ତ ହେବ। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୨ କୋଟି ଲୋକଙ୍କ ଡାଟାବେସ୍ ରଖାଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷ୍ୱଲକ୍ଷ୍ମୀଃ
ପାପାତ୍ମନାଂ କୃତଧିୟାଂ ହୃଦୟେଷୁ ବୁଦ୍ଧିଃ।
ଶ୍ରଦ୍ଧା ସତାଂ କୁଳଜନପ୍ରଭବସ୍ୟ ଲଜ୍ଜା
ତାଂ ତ୍ୱାଂ ନତାଃ ସ୍ମ ପରିପାଳୟ ଦେବି ବିଶ୍ୱମ୍।।

ଭୁବନେଶ୍ୱର, ୧୧ - ୧୭ ଅକ୍ଟୋବର, ୨୦୨୧

# ସଦ୍‌ବୁଦ୍ଧି ଦେ ମା'

ଆସିଛି ପାର୍ବଣ। ଶରଦ ଆକାଶରେ ନିର୍ମଳ ଜହ୍ନ ଥିଲେ ବି ମାଁ'ଙ୍କ ଆଗମନୀ ବାର୍ତ୍ତା ଅନେକଙ୍କୁ ବିଭୋର କରିପାରୁନି। ଏହାର କାରଣ ମହାମାରୀ କରୋନା ଯେତିକି ଦୁଃଖ, ଯନ୍ତ୍ରଣା ଦେଲାଣି ସେଥିରୁ ସହଜରେ ମୁକୁଳି ହେଉନାହିଁ। ପାଖାପାଖି ଗତ ଦୁଇବର୍ଷ ହେଲା ମହାମାରୀର ଆତଙ୍କ ଭିତରେ ଜୀବନକୁ ମଣିଷ ସନ୍ଦିହାନ ହୋଇପଡିଛି। ଜୀବନ ଓ ଜୀବିକା ସତେ ଯେମିତି ସମୟର ଦୋଛକିରେ ଆଗକୁ ପଛକୁ ହୋଇ ଗଡିଚାଲିଛି।ଧନୀକ, ସରକାରୀ କର୍ମଚାରୀ ଆଶ୍ୱସ୍ତ ଥିଲାବେଳେ ଗରିବଙ୍କ କେନ୍ଦ୍ର ଓ ରାଜ୍ୟ ସରକାର ସହଯୋଗ ଦେଉଛନ୍ତି। କିନ୍ତୁ ମଧ୍ୟବିତ୍ତ ବେଳକୁ ଉଭୟ ଚୁପ। ଅଭିଶପ୍ତ ଜୀବନ ନେଇ ସେହି ଦୋଛକିରେ ଆଶା ଅପେକ୍ଷା ଅଧିକ ଆଶଙ୍କାରେ ଅଛି। ଛୋଟ ବ୍ୟବସାୟୀ ନିଜ ସମ୍ବଳ ସହ ସରକାରୀ ସହାୟତାରେ ଅଣ୍ଟା ସଳଖ କରିଥିଲା ବେଳେ ଘରୋଇ ସଂସ୍ଥାରେ ଅଧା ଦରମା ପାଇ ଦରମଲା ଜୀବନ ଜିଉଥିବା ମଣିଷ ଈଶ୍ୱରଙ୍କୁ ଭରସା କରିଚାଲିଛନ୍ତି। ଉପାର୍ଜନ ହରାଇ ମାନସିକ ଶାନ୍ତି ହରାଇ କିଛିଲୋକ ପାଗଳ ଭଳି ପ୍ରଳାପ କରୁଥିଲେ ବି ଶୁଣିବା ଲୋକର ଅଭାବ ପରିସ୍ଥିତିକୁ ଗମ୍ଭୀର କରିଚାଲିଛି। ଶିକ୍ଷିତ ବେକାରଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଉଥିଲେ ବି ଏମାନଙ୍କ ପାଇଁ କାହାର ଦରଦ ନାହିଁ। ଭୋଟ ଭିତ୍ତିକ ବିକାଶ ଆଳରେ ଯିଏ ଯାହାର ସ୍ୱାର୍ଥ ହାସଲ କରି ଚାଲିଛନ୍ତି। ଦରଦାମର ଅହେତୁକ ବୃଦ୍ଧି କାଙ୍ଗାଳ କରି ଚାଲିଥିଲେ ବି ମାଗଣା ଯୋଜନାର ସୁଖ ଉପଭୋଗ କରୁଥିବା ବ୍ୟକ୍ତି ବେକାରୀ, ବେରୋଜଗାରୀ ପ୍ରସଙ୍ଗରେ ନିରବ ରହିବା କାରଣରୁ ଶାସନ ବ୍ୟବସ୍ଥାର ଅସଲ ସ୍ୱରୂପ ପ୍ରକାଶ ପାଉନାହିଁ। ଯୁବସମାଜ ନିଶା କବଳିତ ହୋଇ ଭ୍ରଷ୍ଟ ପଥରେ ଯାଉଥିଲେ ବି ସରକାରୀ ଆକଟ ଊଣା କାରଣର ବ୍ୟବସ୍ଥା ବୁଡୁଛି କି ଉଡୁଛି ଆକଳନ କରିହେଉନାହିଁ। ଏହାରି ମଧ୍ୟରେ ପଡୋଶୀ ଶତ୍ରୁଦେଶ ଭାରତ ବିରୋଧରେ ଚକ୍ରାନ୍ତ ଚଳାଇଛନ୍ତି। ଅନ୍ୟପଟେ ଉତ୍ତରପ୍ରଦେଶରେ କୃଷକ ଆନ୍ଦୋଳନକୁ ଜୋରଦାର କରି ବିରୋଧୀ ନେତା ଦେଶ ଅପେକ୍ଷା ରାଜନୀତିକୁ ଗୁରୁତ୍ୱ ଦେବା ଦେଶ ପାଇଁ ଶୁଭ ସଂକେତ ନୁହେଁ। କାରଣ ଜଣା ଶତ୍ରୁ ଓ ଢୋଲ ଭିତର ମୂଷାଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ। ଜଣେ ଶତ୍ରୁ ବୋଲି ଜଣାପଡିଲେ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଯେତିକି ସହଜ, ଘର ଭିତରେ ରହୁଥିବା ଶତ୍ରୁ ଅଧିକ ମାରାତ୍ମକ। ମହାମାରୀ ସମୟରେ ଯୁଦ୍ଧର ଘନଘଟା ବାସ୍ତବରେ ପରିସ୍ଥିତିକୁ ଅଣାୟତ୍ତ କରିବାର ଆଶଙ୍କା ମଧ୍ୟରେ ଜୀବିକା ସନ୍ଧାନରେ ଥିବା ମଣିଷ ଆତଙ୍କିତ ହେବା ସ୍ୱାଭାବିକ। ସୁଖ ନଥାଉ ପଛେ ଶାନ୍ତିରେ କିଛିଦିନ ବଞ୍ଚିବାର ମୋହ କେହି ତ୍ୟାଗ କରନ୍ତି ନାହିଁ। ଅନେକ ଝଡଝଞ୍ଜା ଦେଇ ମଣିଷକୁ ଗତି କରିବାକୁ ପଡେ। ତେଣୁ ଧୈର୍ଯ୍ୟ ହରାଇ ଆକୁଳ ହେବା ଅପେକ୍ଷା ବଞ୍ଚିବାର ନୂଆ ସ୍ୱପ୍ନ, ନୂଆ ସାଧନକୁ ନେଇ ପାଦ ମଜବୁତ କରିବାକୁ ହେବ। କୌଣସି ସଙ୍କଟ ବା ବିପତ୍ତି କେବେ ସ୍ଥାୟୀ ନୁହେଁ, ହେଲେ ଅତିକ୍ରମଣ ଅତ୍ୟନ୍ତ କଠୋର ସାଧନା ଭଳି। ସୁଖ ମଧ୍ୟ କାହା ନିକଟରେ କେବେ ସ୍ଥାୟୀ ନୁହେଁ। ମା'..ଆସୁଛ ତ ମହକି ଉଠୁଛି ଧରା। ଭକ୍ତଙ୍କ ଜଟିଳ ସମସ୍ୟା ଦୂରକରି ମହାମାରୀ କରୋନାର ବିଲୋପ ପାଇଁ ହାତ ପାତୁଛି। ଧରାପୃଷ୍ଠରୁ ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ଦୂର ନହେଲେ ଶାନ୍ତି ବିରାଜ ସମ୍ଭବ ନୁହେଁ ମା'। ଦୁର୍ନୀତିର ମୂଳପ୍ରାଟନ ନହେଲେ ଭ୍ରଷ୍ଟ ଶାସକଙ୍କ ଅସଲ ଚରିତ୍ର ସାମ୍ନାକୁ ଆସିପାରିବନି। ତେଣୁ ଶକ୍ତି ସ୍ୱରୂପିଣୀ ଅବତାର ନେଇ ମଣିଷ ମନର ପାଶବିତାକୁ ଦୂର କର, ସଂହାର ସ୍ୱରୂପିଣୀ ହୋଇ ଲୋକଙ୍କ ଭିତରେ ଥିବା ଆସୁରିକ ପ୍ରବୃତ୍ତିକୁ ବନ୍ଦ କର ମା'। ହିଂସାର ବିଲୋପନ ଘଟାଇ ଜଗତରେ ପୁନଃ ଶାନ୍ତି ପ୍ରତିଷ୍ଠା ହେଉ, ମା' ଶାନ୍ତି ନଥିଲେ ଜୀବନର ମୂଲ୍ୟ କାହିଁ! ପ୍ରକୃତିର ବିଗିଡିଯାଇଥିବା ରୂପରେ ତୁମର ସ୍ପର୍ଶ ଦେଇ ପୁଣିଥରେ ଜଗତ କଲ୍ୟାଣର ମନ୍ତ୍ରରେ ସମସ୍ତଙ୍କୁ ମନ୍ତ୍ରିତ କର ମା'। ଅସହ୍ୟ ପାପଭାରାରେ ଧରାପୃଷ୍ଠ ଅତିଷ୍ଠ ହୋଇପଡ଼ିଲାଣି। ହିଂସା, ଅସୂୟା, ପରଶ୍ରୀକାତରତା ଦୂର କରି ଶ୍ରଦ୍ଧାଳୁଙ୍କ ମନରେ ଶାନ୍ତି, ମୈତ୍ରୀର ଝରଣା ନବହିଲେ ଅଶାନ୍ତ ପୃଥିବୀ କେବେ କଣ ଶାନ୍ତ ହୋଇପାରେ! ପ୍ରାକୃତିକ ଦୁର୍ବିପାକ ଯୋଗୁ ହାନି ହେଉଥିବା ଧନ ଜୀବନର ସୁରକ୍ଷା ସହ ସମସ୍ତେ କିଭଳି ସଂସ୍କାର ରଜ୍ଜୁରେ ଏକାଠି ବାନ୍ଧିହେବେ, ଏତେ ସବୁ ଦାୟିତ୍ୱ ନିଅ ମା'। ମାନବକୃତ ପ୍ରଦୂଷଣ ଏତେମାତ୍ରାରେ ବଢ଼ିଗଲାଣି ଯେ, ନିଃଶ୍ୱାସ ପାଇଁ ଶୁଦ୍ଧ ଅମ୍ଳଜାନ ଟିକିଏ ପାଇବା କଷ୍ଟ। ବଣ, ଜଙ୍ଗଲ ପ୍ରାୟ ଧ୍ୱଂସ ମୁଖରେ। ନଦୀ ଗର୍ଭ ପୋତି ହୋଇଯାଉଛି। ଯାହାଫଳରେ ନଦୀର ଜଳ ଧାରଣ କ୍ଷମତା କମି କମି ଆସୁଛି। ସମୁଦ୍ରର ଜଳପତନ ବୃଦ୍ଧି ହେତୁ ସମଗ୍ର ବିଶ୍ୱରେ ଭୂ-ଭାଗ କମିଯିବାର ଆଶଙ୍କା ସୃଷ୍ଟି ହେଲାଣି। ଜଳବାୟୁର ପରିବର୍ତ୍ତନ ଏଭଳି ପରିସ୍ଥିତି ସୃଷ୍ଟି କରିଛି ଯେ, ଠିକ୍ ସମୟରେ ଖରା କିମ୍ବା ବର୍ଷା ଅନୁଭବ ହେଉନାହିଁ। ଶୀତ ଯେମିତି ବେଳେବେଳେ ଉଭାନ ହୋଇଗଲା ଭଳି ଲାଗୁଛି। ପାତାଳ ଠାରୁ ମହାକାଶ ପର୍ଯ୍ୟନ୍ତ ସବୁଠାରେ ବର୍ଜ୍ୟବସ୍ତୁର ପାହାଡ। ବନ୍ୟା, ବାତ୍ୟା ଭଳି ଦୁର୍ବିପାକ ମଣିଷ ସମାଜ ପାଇଁ ଆତଙ୍କ ସୃଷ୍ଟି କରୁଥିଲା ବେଳେ କେହି ଏଥିପାଇଁ ଅଧିକ ଚିନ୍ତା କରୁନାହାନ୍ତି। ପରମାଣୁ ବୋମାର ଘନଘଟା ଭିତରେ ସମୟ ଏଭଳି ଅଶାନ୍ତ ଯେ, କେଉଁ ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ ତାହା କିଏ କହିବ। ବିଶ୍ୱର ସବୁ ମହାଶକ୍ତି ନିଜର ପରାକ୍ରମ ଦେଖାଇବା ପାଇଁ ସଜ ହେଉଛନ୍ତି। ସେମାନେ ବୁଝିପାରୁ ନାହାନ୍ତି ଯେ ବିକାଶ ନାଁରେ ଯେଉଁସବୁ କାର୍ଯ୍ୟ ଚାଲିଛି ବା କରିବାକୁ ଯାଉଛନ୍ତି ତଦ୍ୱାରା ଜନଜୀବନ କେତେ ପ୍ରଭାବିତ ହେବ। ଜୀବଜନ୍ତୁଙ୍କ ଠାରୁ ଆରମ୍ଭ କରି ମଣିଷ, ପକ୍ଷୀ ଲୋପ ପାଇବାର କିଛି ଅସମ୍ଭବ ନୁହେଁ। ବିଜ୍ଞତା ଦେଖାଇବା ବାହାନାରେ ମଣିଷ ଏଭଳି ହେଲାଣି ଯେ ପରିବର୍ତ୍ତିତ ପରିସ୍ଥିତିର ରୂପରେଖ ପ୍ରତି ଆଦୌ ସଚେତନ ହୋଇପାରୁନାହାନ୍ତି। ଅଜଣା ରୋଗର ଭୟ, କ୍ଷୁଧା, ଦାରିଦ୍ର୍ୟ ଓ ବେକାରୀ ସମସ୍ୟାର ସମାଧାନ ନ କରି ଯେଉଁମାନେ ନିଜ ନିଜ ଭିତରେ ପ୍ରତିଯୋଗିତା ପାଇଁ ବାହାରିଛନ୍ତି ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ, ମଣିଷ ସମାଜ ଅଛି ବୋଲି ବିଜ୍ଞାନ ଅଛି, ବିକାଶ ଅଛି। ହେ ମା'! ଏ ମଣିଷକୁ ତୁ ହିଁ ସଦ୍‌ବୁଦ୍ଧି ଦେଇପାରିବୁ।



ସମ୍ପାଦକୀୟ
ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କରୋନା, ଶୃଙ୍ଖଳତା ନିମନ୍ତେ ଏକ ଲଗାମ



ପ୍ରଦୀପ୍ତ ଆଚାର୍ଯ୍ୟ

ମହାମାରୀ କରୋନାର ସର୍ବଗ୍ରାସୀ କରାଳ ମୁଖ ଗହ୍ୱରରେ ଆଜି ସମଗ୍ର ବିଶ୍ୱ। ଭୀତତ୍ରସ୍ତ ମାନବ ସମାଜ। ସମସ୍ତେ ଏକ ସ୍ୱରରେ କହୁଛନ୍ତି ହେ ଈଶ୍ୱର,ଆମକୁ ଏ ଭୟଙ୍କର ବିପଦରୁ ରକ୍ଷାକର। ସର୍ବେ ହୋଇବେ ଏକମୁଖ,ଡାକିବେ ନାରାୟଣ ରଖ। ତାଙ୍କ ଛଡା ଅନ୍ୟ ଗତି ନାହିଁ। କରି କରାଉ ଥାଏ ମୁହିଁ,ମୋବିନୁ ଅନ୍ୟ ଗତି ନାହିଁ। ଗଡ ଇଜ୍ ଡିରେକ୍ଟର,ମ୍ୟାନ ଇଜ୍ ଆକ୍ଟର। ବିବର୍ତନବାଦରୁ ପୃଥିବୀ ସୃଷ୍ଟି। ଧ୍ୱଂସତ ନିଶ୍ଚୟ ହେବ,ନହେଲେ ଏ ଝରିପୋକ ଭଳି ବର୍ଦ୍ଧିତ ଜନସଂଖ୍ୟାକୁ ପୃଥିବୀ କଣ ସମ୍ଭାଳି ପାରିବ ? କଥାରେ ଅଛି ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ତେଣୁ ଉଚ୍ଛୃଙ୍ଖଳ ମାନବକୁ ଲଗାମ ଦେବାକୁ ସ୍ରଷ୍ଟାଙ୍କର ଏହା ଏକ ପ୍ରୟାସ ମାତ୍ର। ମୃତ୍ୟୁତ ଚିରନ୍ତନ ସତ୍ୟ,କରୋନା ଦ୍ୱାରା ବହୁତ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ସତ, ମାତ୍ର ଏହାଦ୍ୱାରା କିଛି ଲାଭ ମଧ୍ୟ ହୋଇଛି। ସର୍ବ ପ୍ରଥମେ,(୧)ମୃତ୍ୟୁକୁ ସାମ୍ନାରୁ ଦେଖି ଭୟରେ କିଛି କ୍ରୁର,ଲୋଭୀ,ଗର୍ବୀ ,ଅହଂକାରୀ ଲୋକଙ୍କର ମାନସିକ ପରିବର୍ତନ ହୋଇଛି,ଭୟରୁ ଭକ୍ତି ଓ ମାନବକିତାରେ ବୃଦ୍ଧି ଘଟିଛି। ହୁଏତ ତାହା ସାମୟିକ ହୋଇପାରେ, କାରଣ ପ୍ରକୃତି ନୈବ ମୁଚ୍ୟତେ ନ୍ୟାୟରେ ,ସର୍ପ ମୁଖ ଗହ୍ୱରରେ ମଣ୍ଡୁକି ଥାଇ ମଧ୍ୟ ,ଆହାର ଉଦ୍ଦେଶ୍ୟରେ ପତଙ୍ଗ ଉପରକୁ ଲମ୍ଫ ପ୍ରଦାନ କରିବା ଅଭ୍ୟାସ ତ୍ୟାଗ କରିପାରେ ନାହିଁ। (୨) କରୋନା ମହାମାରୀର ବ୍ୟାପକ ସଂକ୍ରମଣ ଯୋଗୁ,ଲକ୍‌ଡାଉନ ଓ ସଟ୍‌ଡାଉନ ଫଳରେ ପ୍ରକୃତି ଓ ପରିବେଶ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ସମ୍ଭବ ହୋଇ ପାରିଛି। ଜଳ ବାୟୁ ଓ ପରିବେଶ ପ୍ରଦୁଷଣ ମାତ୍ରା ଅନେକାଂଶରେ କମି ଯାଇଛି। (୩)ମୃତ୍ୟୁ ଭୟରେ, ଲୋକମାନେ ଯୋଗ ବ୍ୟାୟାମ କରିବା, କାଢା ପିଇବା, ଗରମ ପାଣି ପିଇବା, ବାମ୍ଫ ନେବା ଇତ୍ୟାଦି କରି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ଲାଗି ପଡିଛନ୍ତି, ଯାହା ଆଗରୁ କରିବାକୁ ସମୟ ହେଉ ନଥିଲା ବୋଲି ଅଭିଯୋଗ କରୁଥିଲେ।(୪)କରୋନା ପାଇଁ ସରକାରୀ ଓ ଅନ୍ୟାନ୍ୟ ବେସରକାରୀ ସଂସ୍ଥାର କର୍ମଚାରୀ ମାନେ ଓାର୍କ ଫ୍ରମ୍ ହୋମ ବା ଘରେ ରହି କାର୍ଯ୍ୟ କରିବା ପଦ୍ଧତିକୁ ପ୍ରୟୋଗ କରାଇବା ଦ୍ୱାରା, ଯାତାୟତ ଖର୍ଚ୍ଚ,ରାସ୍ତା ଗହଳି,ଦୁର୍ଘଟଣା ଇତ୍ୟାଦିକୁ ବହୁତ ପରିମାଣରେ ରୋକା ଯାଇ ପାରିଛି। (୫)ଲକ୍‌ଡାଉନ ଓ ସଟ୍‌ଡାଉନରେ ପୁରୁଷ ଲୋକମାନେ ଘରେ ରହି ରନ୍ଧନ କାର୍ଯ୍ୟରେ ଦକ୍ଷତା ଅର୍ଜନ କରିପାରିଛନ୍ତି, ଯାହା ତାଙ୍କୁ ଦାମ୍ପତ୍ୟ କଳହ ଜନୀତ ଅସୁବିଧା ସମୟରେ ସାହାଯ୍ୟ କରି ପାରିବ। (୬)ରାସ୍ତା କଡରେ ବିକ୍ରୟ ହେଉଥିବା ବିଷାକ୍ତ ଚଟପଟି ଖାଦ୍ୟ,ଜଙ୍କଫୁଡ୍ ବିନା ଆମର ବିଶେଷ କିଛି ଅସୁବିଧା ହେଉନାହିଁ, ତା ବିନା ଆମେ ମଧ୍ୟ ଚଳିପାରିବା। (୭)ଗହଣାଗାଣ୍ଠି, ଲୁଗାପଟା, ପ୍ରସାଧାନ ସାମଗ୍ରୀ ପରି ପାର୍ଥୀବ ଜିନିଷରୁ ଲୋକେ ଟିକିଏ ମୋହ ତୁଟାଇ ଦେଇଥିବାରୁ ବ୍ୟୟଭାରରୁ କିୟଦାଂଶରେ ରକ୍ଷା ପାଇଯାଇଛନ୍ତି। ଗହଣାଗାଣ୍ଠି, ଲୁଗାପଟା ସବୁ ଆଲମୀରା ଭିତରେ ରହି, ତାଙ୍କ ମାଲିକ ଅଛନ୍ତି କିମ୍ବା ସ୍ୱର୍ଗାରୋହଣ କଲେଣି, ସନ୍ଦେହ ଭିତରେ ଅଛନ୍ତି।(୮) ବେଶି ଲାଭବାନ୍ ହୋଇଛନ୍ତି ମନ୍ଦିରରେ ଥିବା ଦେବଦେବୀ ମାନେ, ଆଶାୟୀ ଭକ୍ତ ମାନେ ତାଙ୍କୁ ନଡିଆ ଗୋଟାଏ ଉଖୁଡା ଦିଟା ଦେଖେଇ, ବଡ ବଡ ବର ସବୁ ମାଗିବା ପାଇଁ ଯେଉଁ ଗହଳି କରୁଥିଲେ, ସେଥିରୁ ସେ ମୁକ୍ତି ପାଇଛନ୍ତି। ସେବକ ମାନେ ଯାହା ଦିଟା ଦଉଛନ୍ତି ଖାଇଦେଇ ,ଆରାମରେ ହୋମ କ୍ୱାରେଂଟାଇନରେ ଅଛନ୍ତି। (୯) ସବୁଠାରୁ ବେଶି ଲାଭବାନ୍ ହୋଇଛନ୍ତି,ସାପ, ବେଙ୍ଗ, ଝିଟିପିଟି ଖିଆ, ଚେପେଟା ନାକିଆ ଚାଇନା ବାଲା। ଯେମିତି ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ଅସ୍ତ୍ର ଧରିବେ ନାହିଁ କହି, ଅଦୃଶ୍ୟ ଚକ୍ରରେ ,ସମସ୍ତଙ୍କୁ ମାରି ପକେଇଲେ, ସେହିପରି ଚୀନ୍ ବିନା ବନ୍ଧୁକ, ଗୁଳି, ବମ୍ ରେ ପୃଥିବୀର ୨୧୭ଟିରୁ ଅଧିକ ଦେଶର ଲୋକ ମାନଙ୍କୁ ମାରିଦେଇ, ତୃତୀୟ ବିଶ୍ୱ ଯୁଦ୍ଧର ବିଜେତା ଏବଂ ବିଶ୍ୱର ସର୍ବବୃହତ୍ ଶକ୍ତି ବୋଲି ମନେ ମନେ ଗର୍ବ ଅନୁଭବ କରୁଛି। କରୋନା ମହାମାରୀରୁ ଆମ୍ଭେମାନେ କିଛି ଶିକ୍ଷା ମଧ୍ୟ ପାଇଛୁ। ସେଗୁଡିକ ହେଲା (୧) ଗରିବ ମାନଙ୍କ ଅପେକ୍ଷା ଧନୀ ମାନଙ୍କର ଜୀବନର ମୋହ ଅଧିକ, ଏବଂ ଧନୀ ମାନଙ୍କ ଅପେକ୍ଷା ଗରିବ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ଅଧିକ। (୨)ଅଭିନେତା ଓ ଖେଳାଳି ମାନେ ସମାଜର ପ୍ରକୃତ ହିରୋ ନୁହନ୍ତି,ଜୀବନ ରକ୍ଷାକାରୀ ଚିକିତ୍ସକ ମାନେ ସମାଜର ପ୍ରକୃତ ହିରୋ (୩) କୌଣସି ଗୁଣି ଗାରେଡି, ପୂଜକ, ଧର୍ମଯାଜକ ରୋଗୀକୁ ବଂଚାଇ ପାରିବେ ନାହିଁ। (୪) ଚିଡିଆ ଖାନାର ପଞ୍ଜୁରୀ ଭିତରେ ପଶୁ ପକ୍ଷୀ ଗୁଡିକ କି ଅବସ୍ଥାରେ ରହୁଛନ୍ତି, ହୋମ କ୍ୱାରେଂଟାଇନ ଆମକୁ ସେ ଅନୁଭୁତି ପ୍ରଦାନ କରି ପାରିଛି। (୫) ଇଉରୋପୀୟ ମାନେ ଯେତିକି ଶିକ୍ଷିତ ଏବଂ ଚାଲାକ୍ ବୋଲି ନିଜକୁ ପ୍ରତିପାଦିତ କରନ୍ତି, ପ୍ରକୃତରେ ସେମାନେ ତାହା ନୁହନ୍ତି। (୬) ମେଡିଆ ନିଜର ଖ୍ୟାତି ବଢାଇବା ପାଇଁ ବହୁତ ଉଦ୍‌ଭଟ ଏବଂ ବିଭ୍ରାନ୍ତିକର ତଥ୍ୟ ପରିବେଷଣ କରନ୍ତି। (୭) ବ୍ୟବହାର ବିନା ସମସ୍ତ ଜିନିଷ ମୂଲ୍ୟହୀନ ବୋଲି ପ୍ରମାଣିତ ହୋଇଗଲା (୮) ପୃଥିବୀସ୍ଥ ବୃକ୍ଷଲତା, ପଶୁପକ୍ଷୀ, ଜଳ, ବାୟୁ, ପରିବେଶ ସମସ୍ତେ ମନୁଷ୍ୟର କ୍ରୁର ଅତ୍ୟାଚାରରୁ ଆଂଶିକ ରକ୍ଷା ପାଇଗଲେ।

ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହେଲା ବିଶ୍ୱର ଅର୍ଥନୈତିକ ଅବସ୍ଥା। ଶ୍ରମିକ ଠାରୁ ଆରମ୍ଭ କରି ଶିଳ୍ପପତି ପର୍ଯ୍ୟନ୍ତ ସମସ୍ତେ ପ୍ରଭାବିତ। ସରକାର ଯଦି ସାଧାରଣ ଲୋକ ମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ ନକରନ୍ତି,ତେବେ ବୁଭୁକ୍ଷତେ କିଂ ନକରୋତି ପାପଃ ନ୍ୟାୟରେ ,ଭୋକିଲା ପେଟ ଯେ , ଭବିଷ୍ୟତରେ ସମାଜ, ଧନୀ ସଂପ୍ରଦାୟ ଓ ରାଜନୈତିକ ସ୍ଥିତି ପ୍ରତି, ବିପଦର କାରଣ ନହେବ,ଏ ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ମୋ-୬୩୭୧୫୯୩୨୨୦*

# ଦିବ୍ୟାଙ୍ଗ, ସଂଘର୍ଷର ଭିନ୍ନ ସ୍ୱର : ପ୍ରମୋଦ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାର ଏକ ପ୍ରମୁଖ ଖବରକାଗଜର ବାର୍ଷିକ ଉତ୍ସବରେ ନିକଟରେ ପାରା ଅଲିମ୍ପିକ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ନିଜର ସଂଘର୍ଷର କାହାଣୀ ବର୍ଣ୍ଣନା କରିଛନ୍ତି। ଏହି ଲେଖକ ଦିବ୍ୟାଙ୍ଗ ପ୍ରମୋଦଙ୍କ ପାରା ଅଲିମ୍ପିକସ୍‌ରେ ସ୍ୱର୍ଣ୍ଣ ପାଇବା ପରେ ଏକ ଆଲେଖ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭବିଷ୍ୟତ ସମ୍ପର୍କରେ ସୁନାପୁଅ ଭଗତ କହିଥିଲେ ଯେ ୨୦୨୪ ଅଲିମ୍ପିକସରେ ପଦକ ଆଣିବା ମୋର ଲକ୍ଷ୍ୟ। ଏଥିସହ ଓଡ଼ିଶାର ଆହୁରି ଅନେକ ଭିନ୍ନକ୍ଷମ କ୍ରୀଡ଼ାବିତ ମଧ୍ୟ ଅଲିମ୍ପିକ୍ସରେ ସାମିଲ ହୋଇ ପଦକ ହାସଲ କରନ୍ତୁ ତାହା ହିଁ ମୋର ଲକ୍ଷ୍ୟ। ଆଜିର ସମୟରେ ବହୁ ପରିବର୍ତ୍ତନ ହୋଇଛି। ପାରାଲିମ୍ପିକସ୍‌ରେ ଅଧିକ ପଦକ ଆଣି ଭିନ୍ନକ୍ଷମମାନେ ପ୍ରମାଣ କରିଦେଇଛନ୍ତି ଯେ ସାଧାରଣ ବ୍ୟକ୍ତି ଓ ଆମ ଭିତରେ କିଛି ବି ଫରକ ନାହିଁ। ଶାରୀରିକ ଭାବେ ଆମେ ଦୁର୍ବଳ ହୋଇଥାଇପାରୁ ମାତ୍ର ମାନସିକ ଭାବେ ବହୁତ ଦୃଢ଼। ଚିନ୍ତାଧାରା ବହୁତ ଉନ୍ନତ। ମୁଁ ଯେଉଁ ସ୍ୱର୍ଣ୍ଣ ପଦକ ପାଇଛି, ତାହା ଭିନ୍ନକ୍ଷମ ଭାଇ ଭଉଣୀଙ୍କର। ନିକଟରେ ରାଜ୍ୟ ସରକାର ଭିନ୍ନକ୍ଷମ କ୍ରୀଡ଼ାବିତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ୩୯ଟି ଇନ୍‌ଡୋର ଷ୍ଟାଡିୟମ ହେବାକୁ ଯାଉଛି। ପାରା ଅଥଲେଟଙ୍କୁ ଚାକିରି ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଭିନ୍ନକ୍ଷମଙ୍କ ସଂଘର୍ଷର ସମୟ ସରିଯାଇଛି। ପାରା ଅଟଲେଟର ବିକାଶ ପାଇଁ ସବୁ ଷ୍ଟାଡିୟମରେ ହୁଇଲ ଚେୟାରରେ ଯିବା ଆସିବାର ବ୍ୟବସ୍ଥା କରିବା, ସବୁ ଷ୍ଟାଡିୟମରେ ଆଥଲେଟଙ୍କ ପରି ପାରା ଆଥଲେଟଙ୍କୁ ମଧ୍ୟ ଖେଳିବାକୁ ସୁଯୋଗ ଦେବାର ଆବଶ୍ୟକତା ରହିଛି।

ଦେଶରେ ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାରର ସୁବିଧା ଦେଇଥିବା କଥା କୁହାଯାଉଥିଲେ ମଧ୍ୟ ସବୁଲୋକ ଯେ ନିଜ ଅଧିକାର ପାଇପାରୁଛନ୍ତି ତାହା ଠିକ୍ ନୁହେଁ। କାରଣ ଅନେକ ଲୋକ ନିଜର ହକ୍ ପାଇଁ ଗ୍ରାମଠୁ ସୁପ୍ରିମକୋର୍ଟ ଯାଏ ଧାଇଁ ଧାଇଁ ପାଦର ଜୋତା ଛିଡ଼ିଯାଉଛି। ସେମିତି ଦେଶର ଦିବ୍ୟାଙ୍ଗ ଲୋକମାନଙ୍କୁ ସେମାନଙ୍କ ସୁବିଧା ଦେବା ପାଇଁ ସମ୍ବିଧାନ ଅନୁସାରେ ବ୍ୟବସ୍ଥା ହୋଇଛି ବୋଲି କେନ୍ଦ୍ର ଓ ରାଜ୍ୟ ସରକାର କହୁଥିଲାବେଳେ ଅନେକ ରାଜ୍ୟରେ ସେମାନେ ନ୍ୟାୟରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ କିପରି ଅବହେଳାର ଶିକାର ହେବାକୁ ପଡୁଛି ତାହା ଅନେକ ଜାଣିଥିବେ। ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ଅନେକ ସ୍ଥାନରେ ଚାକିରି କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ସୁଯୋଗ ମିଳିପାରେ ନାହିଁ। ଉଦାହରଣ ସ୍ୱରୂପ ଆମ ରାଜ୍ୟକୁ ହିସାବକୁ ନିଆଯାଉ। ଅନେକ ବିଭାଗ ମିଶି ସାମାଜିକ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ସରକାର କହୁଛନ୍ତି। ସେମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଅନେକ ଅର୍ଥ ବ୍ୟୟ ହେଉଛି। ଅନେକ ଯୋଜନା ମାଧ୍ୟମରେ ଦିବ୍ୟାଙ୍ଗ ମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରାଯାଉଥିବା କଥା କୁହାଯାଉଛି। ରାଜ୍ୟରେ ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ବିଭାଗ ମଧ୍ୟ ଖୋଲାଯାଇଛି। ୨୦୧୫ରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କାର୍ଯ୍ୟକରି ଆସୁଛି। ଏବେ ଏହି ବିଭାଗ ଛଡ଼ା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମିହଳା ଓ ଶିଶୁକଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବା ସରକାର କହୁଛନ୍ତି। କିନ୍ତୁ ଯେଉଁସବୁ ଅର୍ଥ ଦିବ୍ୟାଙ୍ଗ ମାନଙ୍କ ନାମରେ ଭିନ୍ନ ଭିନ୍ନ ବିଭାଗ ଖର୍ଚ୍ଚ କରୁଛନ୍ତି ସେମାନଙ୍କ ପାଖରେ କୌଣସି ଡାଟାବେସ୍ ଏ ପର୍ଯ୍ୟନ୍ତ ନାହିଁ କି ସେମାନେ ପ୍ରସ୍ତୁତ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟରେ ବିଭାଗ ପକ୍ଷରୁ ୪ଲକ୍ଷ ୭୦ ହଜାର ଲୋକଙ୍କୁ ଭତ୍ତା ଦିଆଯିବାର ହିସାବ ରହିଛି। ହେଲେ ଏହି ତାଲିକା ଶେଷ ତାଲିକା ନୁହେଁ। କାରଣ ପ୍ରତିଦିନ ଏହି ଶ୍ରେଣୀରେ ଲୋକେ ନାନା କାରଣରୁ ଯୋଡ଼ି ହେଉଛନ୍ତି। ପ୍ରତିମାସରେ ଜିଲ୍ଲାସ୍ତରରେ ମୁଖ୍ୟ ଚିକିତ୍ସାଳୟରେ ୟୁନିକ ଡିଜାବିଲିଟି ଆଇଡେଣ୍ଟିଟୀ କାର୍ଡ଼ ଜାରି କରାଯାଇଥାଏ। ହେଲେ ପ୍ରବଳ ଗହଳି ଭିତରେ ନିଜ ପାଇଁ କାର୍ଡ଼ ଯୋଗାଡ଼ କରିବା ଅନେକଙ୍କ ପକ୍ଷେ ସହଜ ହୋଇନଥାଏ। ଏପରିକି କାର୍ଡ଼ ପାଇଁ ସେଠାରେ ପହଞ୍ଚିବା ମଧ୍ୟ କଷ୍ଟକର ହୋଇଥାଏ। ଦିବ୍ୟାଙ୍ଗଙ୍କୁ ସହଯୋଗ କଥା ବିଚାରକୁ ନିଆଯାଉ। ସେମାନଙ୍କ ସୁବିଧା ପାଇଁ ସରକାରୀସ୍ତରରେ ଦିଆଯାଉଥିବା ଗାଡ଼ି, ଉପକରଣ ଆଦି ପାଇବା ଲାଗି ଏବଂ ଚିକିତ୍ସା ପାଇଁ ସେମାନେ ଆବଶ୍ୟକ ସୂଚନା ଲାଭ କରିପାରୁ ନାହାନ୍ତି। ଗ୍ରାମାଞ୍ଚଳରେ ରହୁଥିବା ଦିବ୍ୟାଙ୍ଗ ବ୍ୟକ୍ତି ମେଡ଼ିକାଲ ବୋର୍ଡ଼ ନିକଟରେ ହଜାର ହୋଇ ସୁବିଧା ପାଇବା ଏତେଟା ସହଜ ହୁଏନାହିଁ। ଅନ୍ୟପକ୍ଷରେ ଦେଖିଲେ ଶାରୀରିକ ଏବଂ ମାନସିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ କ୍ଷମତା ବୃଦ୍ଧି କରିବାକୁ ଥିବା ଜିଲ୍ଲାସ୍ତରୀୟ ଆ ଆର୍ଲି ଇଣ୍ଟରଭେନସନ ସେଣ୍ଟର ରାଜ୍ୟର ମାତ୍ର ଆଠଗୋଟି ଜିଲ୍ଲା ମଧ୍ୟରେ ସୀମିତ ରହିଛି। ଏହି ସୁବିଧା ବାହାରେ ତିନିଗୁଣା ଜିଲ୍ଲା ରହିଛନ୍ତି। ଏଥିରୁ ରାଜ୍ୟର ସ୍ଥିତି ସହଜେ ଅନୁମେୟ। ତେଣୁ ଏମାନଙ୍କ ଚିକିତ୍ସା, ଶିକ୍ଷା, ପ୍ରଶିକ୍ଷଣ ଚାକିରି ଆଦି ନିମନ୍ତେ ଦିବ୍ୟାଙ୍ଗଙ୍କ ପରିବାରବର୍ଗ ଜାଣିବା ସୁବିଧା ଏଠାରେ ନାହିଁ। ତିନୋଟି ଆର୍‌ଡିସି କ୍ଷେତ୍ର ରାଜ୍ୟରେ ରହିଥିଲା ବେଳେ କ୍ଷମତା ଏକ୍ସପ୍ରେସ ମାଧ୍ୟମରେ କ୍ୟାମ୍ପ କରାଯାଇ ଜିଲ୍ଲାସ୍ତରରେ ଭୀମଭୋଇ ସାମର୍ଥ୍ୟ ଶିବିରରେ ପ୍ରତିମାସରେ ଦୁଇଥର ମେଡ଼ିକାଲ ବୋର୍ଡ଼ ଜରିଆରେ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯିବା ଲାଗି ବ୍ୟବସ୍ଥା ରହିଛି। ରାଜ୍ୟରେ ୨ଲକ୍ଷ ୫୪ ହଜାର ୟୁଡ଼ିଆଇ କାର୍ଡ଼ ବଣ୍ଟନ କରାଯାଇଥିବା ସରକାରୀ ହିସାବ କହୁଛି। ବ୍ଲକ ଏବଂ ପଞ୍ଚାୟତ ସ୍ତରରୁ ଦିବ୍ୟାଙ୍ଗ ମାନଙ୍କୁ ଖୋଜି ବାହାର କରାଯିବା ସହ ଆଧାରକାର୍ଡ଼ ସଂଯୋଗ କରାଯିବ ବୋଲି କୁହାଯାଉଛି। ଖୋର୍ଦ୍ଧା ନିକଟବର୍ତ୍ତୀ ଜଟଣୀ ଠାରେ ୨୫ ଏକର ଜମିରେ ଏମାନଙ୍କ ଥଇଥାନ ପାଇଁ ଏକ ସମନ୍ୱିତ ଅଟ୍ଟାଳିକା ନିର୍ମାଣ କରାଯାଉଛି। ଏଥିପାଇଁ ସରକାର ୬କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ରାଜ୍ୟରେ ଦିବ୍ୟାଙ୍ଗ ଗଣନା ପରି ଏକ ଡାଟାବେସ ସରକାର ପ୍ରସ୍ତୁତ କରିବାକୁ ପଦକ୍ଷେପ ନେବା ଦରକାର। ଏହି ଡାଟାବେସକୁ ନେଇ ବିଭିନ୍ନ ବିଭାଗ କାର୍ଯ୍ୟ କରିବା ଉଚିତ। ଦିବ୍ୟାଙ୍ଗମାନଙ୍କ ଚିହ୍ନଟ ପ୍ରକ୍ରିୟା ହୋଇଗଲେ ସାହାଯ୍ୟ, ସହଯୋଗ, ପ୍ରଶିକ୍ଷଣ, ନିଯୁକ୍ତି ପାଇଁ ବିଭାଗଗୁଡ଼ିକୁ କାର୍ଯ୍ୟ କରିବା ସହଜ ହେବ। ତେବେ ଏମାନଙ୍କ ପ୍ରତି ସରକାର ଏବଂ ପ୍ରଶାସନିକ କ୍ଷେତ୍ରରେ ଯେତିକି ସହାନୁଭୂତି ରହିବା ଦରକାର, ଯେମିତି ସମ୍ବେଦନଶୀଳତା ରହିବା ଉଚିତ, ତାହା ନରହିବା ଯୋଗୁଁ ଚଳିତ ବର୍ଷ ବାଲିଯାତ୍ରା ଅବସରରେ ହେଉଥିବା ଦିବ୍ୟାଙ୍ଗ ପାଭିଲିଅନ୍‌କୁ ହଟାଇ ଦିଆଯାଇଛି, ଯାହା ଠିକ୍ ପଦକ୍ଷେପ ନୁହେଁ। ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ କହୁଥିବା ସରକାରଙ୍କୁ ଏ ଦୃଷ୍ଟିରୁ ଆହୁରି ଅନେକ କିଛି କରିବାକୁ ହେବ।

*ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'*
*କାଠଗୋଲା ରୋଡ଼, ମଙ୍ଗଳାବାଗ,*
*କଟକ*
*ଦୂରଭାଷ : ୯୪୩୮୨୭୬୭୭୬୦*

# ଦଶହରା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏମିତି ଦୁର୍ଗାପୂଜା, ନବରାତ୍ର, ଦଶହରା ପରି ପାଳନ ଗୁଡ଼ିକୁ ପୁରାଣ ତନ୍ତ୍ର ପ୍ରମାଣରୁ ପାଳନ କରାଯାଉଛି। ନବରାତ୍ରରେ ନଅ ସଂଖ୍ୟକ, ରାତ୍ରୀ ପାଳନ ନିର୍ଦ୍ଦେଶ ରହିଛି। ବର୍ଷକ ସାବନ ଶୁଦ୍ଧ ୩୬୦ ଦିନ ହେଲେ ବର୍ଷକ ୪୦ଟି ନବରାତ୍ର ଓ ଏକ ନକ୍ଷତ୍ର ମାସ ୨୭ଦିନ ହେଲେ ୧ମାସ ୩ ନବରାତ୍ର ଓ ବର୍ଷକ ୩୬ ନବରାତ୍ର ଏ ହିସାବରେ ହେବ। ଏ ମଧ୍ୟରେ ତିଥି ମାସ ଓ ନକ୍ଷତ୍ର ସଂଶ୍ଳିଷ୍ଟ କରି ଶୁଦ୍ଧ ସବଳ ନବରାତ୍ର ଖୋଜ କରାଯାଇ ତାହାକୁ ପାଳନ ବ୍ୟବସ୍ଥା ସ୍ଥିର ରଖାଯାଇଛି। ମହାକାଳ ସଂହିତା ଏକ ପ୍ରମାଣିକ ଶାସ୍ତ୍ରରେ ସତ୍ୟ ଯୁଗରେ ଚୈତ୍ରଶୁକ୍ଳପକ୍ଷ ତ୍ରେତାଯୁଗରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱାପରଯୁଗରେ ମାଘଶୁକ୍ଳ ପକ୍ଷ ଓ କଳିଯୁଗରେ ଆଶ୍ୱୀନ ଶୁକ୍ଳପକ୍ଷରେ ଏହି ନବରାତ୍ର ମାନ ପାଳନ କରାଯିବା ପ୍ରମାଣ। ମାଘମାସ ଦେବୀପୂଜା ଶିଶିର ନବରାତ୍ର, ଚୈତ୍ରମାସ ନବରାତ୍ର ବାସନ୍ତିକ ନବରାତ୍ର, ଆଷାଢ଼ ନବରାତ୍ର ଓ ଆଶ୍ୱୀନ ନବରାତ୍ର ଶାରଦୀୟ ନବରାତ୍ର। ଶୁକ୍ଳ ପ୍ରତିପଦରୁ ଶୁକ୍ଳ ନବମୀ ଯାଏ ଏହି ନବରାତ୍ର ପାଳନ ବିଧାନ ଦଶମୀ ଦିନ ଦଶହରା ବା ବିଜୟା ପର୍ବ ପାଳନ କରାଯାଏ। ଆମ ରାଜ୍ୟରେ ଆଷାଢ଼ ନବରାତ୍ରିଟି ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ବା ଘୋଷଯାତ୍ରାରେ ପାଳନ କରାଯାଉଛି। ବିଜୟ ବା ବିଜୟା ନବରାତ୍ରର ଉଦ୍‌ଯାପନରେ ଲାଗୁଛି ବା ଆରମ୍ଭରେ ଲାଗୁଛି। ଯାହା ବିଜୟ ଅମାବାସ୍ୟା ଦକ୍ଷିଣାଚାର ମତରେ, ବିଜୟା ଦଶମୀ ବାମାଚାରୀ ମତରେ ପ୍ରୟୋଗ ହେଉଛି। ରଥଯାତ୍ରାରେ ବାହୁଡ଼ା ଦଶମୀକୁ ଦୁର୍ଗାପୂଜାରେ ବିଜୟା ଦଶମୀ ପ୍ରକୃତରେ ଏ ଦିନ ନଦୀରୁ ଅଣାଯିବା ଘଟ ହିଁ ବିସର୍ଜନ କରାଯାଏ। ଶ୍ରୀଜଗନ୍ନାଥଙ୍କ ନିଳାଞ୍ଚଳ ପ୍ରକୃତରେ ଏକ ଲୀଳାକ୍ଷେତ୍ର। ଦେବତା ସାମ୍ୟ ପାଇଁ ଏଠାରେ ଜ୍ଞାନୀମାନେ ସର୍ବଦା ଚେଷ୍ଟାକରି ଆସିଛନ୍ତି। ମୁଖ୍ୟତଃ ପାଞ୍ଚ ଦେବତା ଅର୍ଚ୍ଚନାରୁ ପାଞ୍ଚ ପ୍ରକାର ଉପାସନ ଅଛନ୍ତି। ଏଥିରେ ବିବାଦ ଆସିବା ବେଳେ ବେଳେ ଦେଖାଯାଏ। ମାତ୍ର ଏ କ୍ଷେତ୍ର ଏହି ଦେବତା ଏ ବିବାଦରୁ ଭକ୍ତଙ୍କୁ ମୁକ୍ତ ରଖୁଛନ୍ତି। ଶାରଦୀୟ ଦୁର୍ଗାପୂଜାରେ ଏଠାରେ ମନ୍ଦିର ମଧ୍ୟରେ ନବରାତ୍ର ପୂଜା ବିମଳା ମନ୍ଦିରରେ ବିଧିରେ ଶାକ୍ତଙ୍କ ଦ୍ୱାରା କରାଯାଏ। ତା ସହିତ ନବରାତ୍ରର ଆରମ୍ଭରୁ ଶେଷ ଯାଏ ଦୁର୍ଗା-ମା-ଧବ ଆରାଧନା କରାଯାଏ। ନାରାୟଣଙ୍କ ଶକ୍ତି ନାରାୟଣୀ। ବିଷ୍ଣୁଙ୍କ ମନ୍ତ୍ରଣାରୁ ଦୁର୍ଗା ସାକାର ହୋଇ ଅସୁର ସଂହାରିଣୀ ଅତଏବ ବିଷ୍ଣୁ ସମ୍ବନ୍ଧ ଦୁର୍ଗାଙ୍କର ମୂଳରୁ ରହିଛି। 'ଧବ' ଅର୍ଥ ସ୍ୱାମୀ - ମାଲିକ ଇତ୍ୟାଦି। ମାନବୀୟ ଚିନ୍ତାଧାରା ଯେଉଁ ଅର୍ଥରେ ସ୍ୱାମୀ ଶବ୍ଦ ଓଡ଼ିଶାରେ ଧରାଯାଏ ତାହା ଦକ୍ଷିଣ ଦେଶରେ ଧରାଯାଏ ଆଂଶିକ। ଯେ କୌଣସି ସମ୍ମାନନୀୟ ବ୍ୟକ୍ତିଙ୍କୁ ଏ ରାଜ୍ୟରେ 'ବାବୁ' କୁହାଗଲା ବେଳେ ଦାକ୍ଷିଣାତ୍ୟରେ କୁହାଯାଏ 'ସ୍ୱାମୀ'। ଦୁର୍ଗା ମାଙ୍କର ସେ 'ଧବ' ଅର୍ଥାତ୍ ଦୁର୍ଗାଙ୍କର ସମ୍ମାନନୀୟ ଠାକୁର ନାରାୟଣୀ ଶକ୍ତିପୀଠ ପୁରୀରେ ଅଛି, ଏଠାରେ ଦୁର୍ଗା ମାଧବ ମିଳନ ପୂଜା ନବରାତ୍ରିରେ କରାଯାଏ। ଦଶହରା ପର୍ବ ପରେ ଗୋସାଣୀ ମାନଙ୍କର ପର୍ବ ବି ପୁରୀରେ ହୁଏ।

ଦଶହରା ଦୁଇ ପ୍ରକାରର ପାଳନ ଅଛି। ୧. ଗଙ୍ଗା ଦଶହରା, ୨. ଦୁର୍ଗାଙ୍କ ଦଶହରା। ଗଙ୍ଗା ଦଶହରା ଜ୍ୟେଷ୍ଠ ମାସ ଶୁକ୍ଳ ଦଶମୀରେ ପଡ଼େ। ଏ ଦିନ ଗଙ୍ଗାସ୍ନା ପାଇଁ ଗଙ୍ଗା ଘାଟରେ ଭିଡ଼ଲାଗେ। ପ୍ରୟାଗ ରାଜ ହରିଦ୍ୱାର ଗଙ୍ଗୋତ୍ରୀ, ସହିତ ଗଙ୍ଗା ସାଗର ସଙ୍ଗମ ପର୍ଯ୍ୟନ୍ତ ଏପରି ସ୍ନାନ ଯୋଗ ହୋଇ ଅନେକ ନଦୀରେ ଗଙ୍ଗା ମାନସରେ ଏପରି ସ୍ନାନ ବି କରନ୍ତି। ଏପରିକି ଶ୍ରୀକ୍ଷେତ୍ର ପୁରୀରେ ଶ୍ୱେତଗଙ୍ଗାରେ ଏପରି ସ୍ନାନ ବ୍ୟବସ୍ଥା ଅଛି। ଅନ୍ୟ ଦଶହରା ମୁଖ୍ୟତଃ ବାସନ୍ତିକ ଓ ଶାରଦୀୟ ଦୁର୍ଗାପୂଜାର ଦଶହରା। ଏଥିରେ ଦଶ କ'ଣ ? ଓ କେମିତି ତାହା ହରଣ କରାଯିବା ପଦ୍ଧତି କ'ଣ ? ହରଣ ହୋଇ ପାରିବ ଏହା ସର୍ବଜ୍ଞାତ ବହୁ ବର୍ଷ ହେଲା ବିଲୁପ୍ତ। ଯଦି କେହି ଜାଣନ୍ତି ତାକୁ କେମିତି ସଂକଳ୍ପରେ କରାଯିବ ଏହା ଜାଣିବାକୁ ଚେଷ୍ଟା କରୁନାହାଁନ୍ତି। ପାଶବିକ ପ୍ରବୃତ୍ତି ସବୁ ମନୁଷ୍ୟଙ୍କର ରହିଛି ଏହି ପାଶବିକ ପ୍ରବୃତ୍ତି ଦଶ ପ୍ରକାର ପାପ ସୃଷ୍ଟିକାରୀ। ଏହା ତିନି ପ୍ରକାରରେ ଧରାଯାଏ। (କ) କାୟିକ ପାପ ଯେଉଁ ପାପ ଶରୀର ସମ୍ପର୍କରୁ ହୁଏ। ଏହା ତ୍ରିବିଧ। ୧. ପରଦାର ଗମନ, ୨. ଚୋରୀ, ୩. ହିଂସାବୃତ୍ତି। ପରଦାର କହିଲେ ପରର ସ୍ତ୍ରୀ, ଏହାଙ୍କ ସହିତ ଶାରୀରିକ ଅନୈତିକ ସମ୍ବନ୍ଧ ଯାହା ଗୁରୁତର ପାପ। ଏ ମଧ୍ୟରେ ଅଖଣ୍ଡିତ ପାପ, ପତ୍ନୀ ହରଣ। ବିପ୍ର ପୁରୋହିତ ପତ୍ନୀ ହରଣ, ଗୁରୁ ମଧ୍ୟରେ ବଡ଼ଭାଇ, କକା, ମାମୁଁ, ପିଇସା, ମଉସା ଏମାନଙ୍କର ପତ୍ନୀମାନେ ଗୁରୁପତ୍ନୀ ସେପରି ଉଚ୍ଚକୁଳ ସମ୍ଭୁତ ବ୍ୟକ୍ତି, ନିଜକୁ ଅନ୍ନ ବସ୍ତ୍ର ବିଦ୍ୟା ଯୋଗାଡ଼ ଦେଉଥିବା ବ୍ୟକ୍ତିଙ୍କ ପତ୍ନୀ ଗୁରୁପତ୍ନୀ କାଳ ଭ୍ରମରେ ପକାଇବା ବେଳେ ଲୋକ ଯୌବନ, ଧନଗର୍ବରେ ଏମିତି ଭୁଲ କରିପାରେ।

ଦୁର୍ଗାପୂଜା ପୁରୁଷ ପୁରୁଷ ଧରି ଚାଲିଛି ଯେବେଠାରୁ ଏ ପୂଜା ଆରମ୍ଭ ସେତେବେଳେ ଦେବୀଙ୍କ ରୂପ ଯେମିତି ଥିଲା ବର୍ତ୍ତମାନ ସେମିତି ଅର୍ଥାତ୍ ସେ କୁମାରୀ ଏବେ ବୃଦ୍ଧା ହୋଇନାହାଁନ୍ତି ନଅ ବର୍ଷର କନ୍ୟାମାନେ ଦୁର୍ଗା। ଯମରେ ନାମିତା ଦୁର୍ଗାପୂଜାରେ କୁମାରୀପୂଜା ଜଡ଼ିତ। ଏହା ବି ଦୁର୍ଗା ପୂଜାର ଏକ ଅଙ୍ଗ। ପଶୁବଳୀ ଦୁର୍ଗାପୂଜାରେ ଅଛି। ମାନବର ଏହି ଦଶ ପାପ ପଶୁ ପ୍ରବୃତ୍ତି ଯୋଗୁ ହିଁ ହୁଏ। ଯଦି ଆଗକୁ ଉନ୍ନତ ଶୁଦ୍ଧ ଜୀବନ କେହି ମାନବ ଚିନ୍ତନରେ ଚଳିବାକୁ ଚାହାଁନ୍ତି ଦୁର୍ଗା ଦଶହରାରେ ଏହି ଦଶ ପାପ ପ୍ରବୃତ୍ତିକୁ ବଳୀ ଦିଅନ୍ତୁ। କୌଣସି ଏକ ପଶୁକୁ ବୃଥା ବଳୀ ଦିଅନ୍ତୁ ନାହିଁ। ନିଜ ଭିତରେ ପଶୁତ୍ୱ ରହିଛି ଏହା ଭାବନ୍ତୁ। ସର୍ବଦା ସଂସାରରେ ମାଆ ଭଉଣୀ, କନ୍ୟା, ବୃଦ୍ଧା ଆଇ ଏମିତି ଅଛନ୍ତି ଏମାନେ ଦୁର୍ଗାଙ୍କର ପ୍ରତିନିଧି ସ୍ୱରୂପା ଭାବିଲେ ବ୍ୟକ୍ତିର ଶକ୍ତି ବଢ଼ି ବଢ଼ି ଯିବ। ନଚେତ୍ ସବୁ ଭ୍ରଷ୍ଟ ହୋଇ ଅଳ୍ପାୟୁ ଅଳପେଇସା ହେବାକୁ ହେବ। ଯଦି ପଶୁରକ୍ତ ଦେବତା ପାଖରେ ଦେବାକୁ ଇଚ୍ଛା, ସନ୍ଧିପୂଜା ଦିନ ନିଜର ଶରୀରରୁରକ୍ତ ରୋଗୀଙ୍କ ଉଦ୍ଦେଶ୍ୟରେ ଦେଲେ କଣ ଦେବତା ତୃପ୍ତି ହେବେନାହିଁ ? ଏହି ଦଶହରାରେ ଯେଉଁ ପାପ ଦର୍ଶାଯାଉଛି ଭଲ କରି ଭାବନ୍ତୁ ଏଥିମଧ୍ୟରୁ କିଛି ତ ନିଜର ରହିଛି। ଯଦି ଏହା ପଶୁର କାର୍ଯ୍ୟ ତେବେ ନିଜର ପଶୁଗୁଣ ସଂସ୍କାର କଣ ରକ୍ତ ଦେଇ ଶରଣାପନ୍ନ ହୋଇ ହେବନାହିଁ। ସ୍ୱରକ୍ତ ଉପରେ ଯେତିକି ଅଧିକାର ପଶୁରକ୍ତ ଉପରେ କଣ ସେହି ଅଧିକାର କି ? ଜଣେ ମୁମୂର୍ଷୁକୁ ଜୀବନଦାନ ଯଦି ନିଜ ଦାନରକ୍ତ କରି ହେଉଛି ତେବେ ତ୍ରିନୟନା ଦୁର୍ଗା କଣ ଏହା ଦେଖୁନାହାଁନ୍ତି ? ତାଙ୍କର କାରେଣୀ ଶକ୍ତିରେ ବ୍ୟକ୍ତି ଭାଗନେଲେ ରକ୍ତଦାତା କଣ ପୂଜ୍ୟ ହେବେ ନାହିଁ କଣ ନିଜର ଆତ୍ମତୃପ୍ତି ହେବନାହିଁ। ଯେ ରକ୍ତଦେବା ଅବସ୍ଥାରେ ନାହାଁନ୍ତି ସେ ରକ୍ତ ସଂଗ୍ରହକୁ ଅର୍ଥରେ ଅପାରଗକୁ ସହାୟକ ହୁଅନ୍ତୁ। ଏ ରାଜ୍ୟର କଟକ ସହର ଜନ୍ମ, ସୁଭାଷ ବୋଷ ଦିନେ କହିଥିଲେ 'ତୁମେ ମୋତେ ରକ୍ତ ଦିଅ ମୁଁ ତୁମକୁ ଦେବି ସ୍ୱାଧୀନତା' ସେ ସେହି ଶକ୍ତିପୁତ୍ର ବୀରପୁତ୍ର। ଦେବୀ ମାଆ ଦୁର୍ଗା ହୁଅନ୍ତୁ ବା ନିଜ ମାତା, ନିଜ ମାଉସୀ ପୃଥିବୀ ମାଆ ବସୁନ୍ଧରା ହୁଅନ୍ତୁ ଗୋ-ମାତା ହୁଅନ୍ତୁ, ଏମାନଙ୍କର ଉଦ୍ଦେଶ୍ୟରେ ମାନବ ସର୍ବଦା ଯତ୍ନବାନ ହେଲେ ପରିଶ୍ରମ କଲେ ରକ୍ତ ନିଜସ୍ୱ ବଳ ତାକୁ ଦେଲେ କଲ୍ୟାଣ ହେବ ହିଁ ହେବ। ରକ୍ତ ପ୍ରତ୍ୟେକ ବ୍ୟକ୍ତିର ମାଆ ଅଙ୍ଗରୁ ହିଁ ମିଳିଛି। ମାଆଙ୍କ ସ୍ଥିତି ସଂସାରରେ ସର୍ବତ୍ର ମାତୃଭକ୍ତ ହେଲେ ଯେ କେବେ ଦୁଃଖ ମିଳିବ ନାହିଁ ଏକଥା ଚିନ୍ତନ କରିବାକୁ ପଡ଼ିବ। ଏକ ମାଆର ତାର ସନ୍ତାନ ସନ୍ତତିର ପ୍ରାଣ ବଞ୍ଚାଇବା ପାଇଁ କାନ୍ଦୁଥିଲେ ସେତେବେଳେ ଯେ କୌଣସି ମାତୃ ସନ୍ତାନ ସେ ପରିସ୍ଥିତି ବୁଝନ୍ତୁ ସହାୟକ ହୁଅନ୍ତୁ ଦେଖ ସଂସାରରେ କେମିତି ସୁଖଶାନ୍ତି ରହିଛି।

*ସମ୍ପାଦକ 'ନିୟତି'*
*ଅରୁଣଦୋୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୩୯

# ବେଳ ଭଲ ନାହିଁ

**ସ**ଭା ପଛରୁ ମିଳିତ କଣ୍ଠରେ ଶୁଭିଲା - ତୁଣ୍ଡ ସମ୍ଭାଳି କଥା କହ ନାରଣ, ନଚେତ୍ ମୁଣ୍ଡ ରହିବ ନାହିଁ।

ଆରେ ରଙ୍କା ପକାତ ଟର୍ଚ୍ଚଟା ପଛକୁ - ମୋ ମୁଣ୍ଡ ନେବା ଭଳି ତାକତ କାହାର ହେଲାଣି ଦେଖେ।

ଟର୍ଚ୍ଚ ଆଲୁଅରେ ଦେଖିଲେ ପ୍ରାୟ ପନ୍ଦର ସରିକି ଯୁବକ ମୂଷଳିଆ ଠେଙ୍ଗା ଗୋଟେ ଗୋଟେ ଧରି ଠିଆ ହୋଇଛନ୍ତି। ଆଲୁଅ ସେମାନଙ୍କ ଉପରେ ପଡିବା କ୍ଷଣି ସେମାନେ ଆଗକୁ ଆସି କହିଲେ- ଆମେ ଜାଣିଥିଲୁ, ତମେ ସବୁଥର ପରି ଏଥର ବି ଗଣ୍ଡଗୋଳ କରିବ, ସେଥିପାଇଁ ଆମେ ପ୍ରସ୍ତୁତ ଥିଲୁ। ତମର ଡାହାଳମାନଙ୍କୁ କହିଦିଅ କୌଣସି ଦୁଃସାହସିକ କାର୍ଯ୍ୟ କରିବା ପୂର୍ବରୁ ଆଗେ ଯାଇ ସେମାନଙ୍କ ମାଇକିଣାଙ୍କ ହାତରୁ ଚୁଡି ଭାଙ୍ଗି ଦେଇ ଆସନ୍ତୁ।

ସୁଦର୍ଶନ ବାବୁ ବିସ୍ମୟ ହୋଇ ଚାହିଁଲେ ପିଲାମାନଙ୍କ ଆଡକୁ। ସେମାନଙ୍କୁ ଚାହିଁ ପଚାରିଲେ ତମେମାନେ ସବୁ ଏଠାରେ କାହିଁକି?

ଆମେମାନେ ଆଶଙ୍କା କରିଥିଲୁ ଏମିତି ଗୋଟେ ଘଟଣା ଘଟିବ ବୋଲି। ସେଥିପାଇଁ ପୂର୍ବ ପ୍ରସ୍ତୁତି ସହ ଆମେ ବାଆଁରେଇ ବାଆଁରେଇ ବୁଲୁଥିଲୁ।

ଆରେ ଏଠି ନ୍ୟାୟ ପାଇଁ ସଭା ବସିଛି, ଯୁଦ୍ଧକୁ ତମେ କାହିଁକି ଆହ୍ୱାନ କରୁଛ? ଗୋଟେ ପିଲା କହିଲା - ଆପଣ ମହାଭାରତ ପଢ଼ି ନାହାନ୍ତି କି ଶ୍ରୀକୃଷ୍ଣ ତ ପାଣ୍ଡବମାନଙ୍କ ପାଇଁ ନ୍ୟାୟ ମାଗିବାକୁ କୁରୁସଭାକୁ ଯାଇଥିଲେ, ସେଠି କାହିଁକି ଯୁଦ୍ଧର ଆହ୍ୱାନ ଆସିଲା? ଏମାନେ ନ୍ୟାୟ ଭାଷା ବୁଝନ୍ତି ନାହିଁ ବାହୁବଳର ଭାଷା ବୁଝନ୍ତି।

ହଉ ହେଲା, ସେମାନଙ୍କୁ ବାହୁବଳ ପ୍ରୟୋଗ କରିବାକୁ ସୁଯୋଗ ଦିଅ। ସେମାନେ ସେଇଟା ପ୍ରୟୋଗ କରି ଥରେ ପରୀକ୍ଷା କରନ୍ତୁ।

ନାରଣ ଓ ନୀହାର ପରସ୍ପରର ମୁହଁକୁ ଚାହିଁଲେ। ନୀହାର ନିର୍ଦ୍ଦେଶ ଦେଲା ଉଠ। ଏଠାକୁ ସୁଦର୍ଶନ ବାବୁ ନ୍ୟାୟ କରିବାକୁ ନୁହେଁ, ଯୁଦ୍ଧ କରିବାକୁ ଆସିଛନ୍ତି। ଯୁଦ୍ଧର ଶଙ୍ଖ ସେ ବଜାଇଛନ୍ତି କିଛି ଟୋକାଙ୍କୁ ଧରି, ଏବେ ସେହିଁ ଦେଖିବେ ତା'ର ପରିଣତି।

ସୁଦର୍ଶନ ବାବୁ କହିଲେ - କ'ଣ ନୀହାର ବାବୁ ମୁଁ ଏହାକୁ ତମର ଧମକ ବୋଲି ଗ୍ରହଣ କରିବି?

ଯେଉଁଟା ଆପଣଙ୍କ ଇଚ୍ଛା, ସେମିତି ଗ୍ରହଣ କରନ୍ତୁ। ଏଥିରେ ଆମର କିଛି କରିବାର ନାହିଁ।

ହଉ, ମାତ୍ର ଉଠି ଚାଲିଯିବା ପୂର୍ବରୁ ମୁଁ ପୁଣିଥରେ କହି ରଖୁଛି, ଯେଉଁ କଥା ପାଇଁ ଆଜି ନ୍ୟାୟ ବସିଥିଲା ସେ କଥାର ଯେମିତି ପୁନରାବୃତ୍ତି ନଘଟେ।

ବାସ୍-ସେତିକିରେ ତ ସଭା ସରିଛି, ଦେଖାଯାଉ ଆଗକୁ କ'ଣ ହେଉଛି।

ଯାହା ହେଉ ଏତେ ଦିନେ ଗୋଟେ ଭଲ କଥା ହେଲା। ଏମାନେ ଅନ୍ୟାୟର ସୀମା ଟପି ଯାଉଥିଲେ। ସମସ୍ତେ ସନ୍ତୁଳି ହେଉଥିଲେ ମଧ୍ୟ ପାଟି ଖୋଲୁନଥିଲେ। କହିଲେ ଗୋଲେଖ ବାବୁ।

ବୁଝିଲ ଗୋଲେଖ ସାଆନ୍ତ - କାଲି ରାତିରେ ତ ଯାହା ସିଏ ନାଗ ସାପର ଫଣାରେ ପାହାରଟିଏ ମାରି ଫଣା ଭାଙ୍ଗିଥିଲେ, ହେଲେ ଆଜି ତ ଶୁଣିଲୁଣି କେବଳ ଫଣା ନୁହେଁ, ମେରୁଦଣ୍ଡ ଭାଙ୍ଗିବା ପାଇଁ ଯାଇଛି।

କୁଆଡେ?

ଏମାନଙ୍କ ନାଟ ଯେଉଁଠି, ସେହି ବ୍ଲକ ଅଫିସ୍‌କୁ।

କିଏ କିଏ ଯାଇଛନ୍ତି? ସେଠିକି ଯାଇ କ'ଣ କରିବେ? ଶୁଣିଲୁ ଏବେ ଯେଉଁ ନୂଆ ଯୁବକ ସଂଘ ଗଢ଼ା ଯାଇଛି, କ'ଣ ମ ତା ନାଆଁ, ହଁ-ହଁ 'ପ୍ରଗତି ଯୁବକ ସଂଘ'।

ସେହି ପିଲାମାନଙ୍କୁ ସାଥିରେ ନେଇ ଯାଇଛନ୍ତି ବ୍ଲକ ଅଫିସ୍‌କୁ।

କ'ଣ କରିବେ?

(କ୍ରମଶଃ)

ବିଶେଷ କବିତା



# ଏଇ ସେଇ ଲମ୍ବା ରାସ୍ତା

**ସତ୍ୟଜିତ ମିଶ୍ର**



ଏ ମୁଣ୍ଡରେ ଶିବ ମନ୍ଦିର
ସେ ମୁଣ୍ଡରେ ଆଜିକାଲି ଗୋଟିଏ
ଫ୍ଲାଇଓଭରର ବିବସ୍ତ୍ର ଅନ୍ତଃସ୍ଥଳ......
ଏଇ ସେଇ ରାସ୍ତା
ଏଇ ସେଇ ଶିବ ମନ୍ଦିର
ସେବେବି ଥିଲା.... ଆଜିବି....
ଖାଲି ଏତିକି ବ୍ୟବଧାନ
ମୋ ମୁହଁ ରେ ଗୋଟିଏ ଅଲଗା ମୁଖା
ମୁଖା ଆଖିରେ ଆଖିଏ ସ୍ୱପ୍ନ....
ପୁରୀରୁ ଧାଇଁ ଯାଇଥିଲୁ ଶରତ ଓ ମୁଁ
ସୁଦୂର ବାଲେଶ୍ୱର...
ଗୋଟିଏ ପାରାଡ଼ମ୍ବର ପାଶ୍ଚାତଧାବନ ରେ....
ରିକ୍ତ ହସ୍ତ ରେ ଫେରିବାବେଳେ ଗଭୀର ରାତ୍ରୀ...
ଯାନବାହାନ ଶୂନ୍ୟ ସୁସୁପ୍ତ ରାସ୍ତା....
ବ୍ୟାଗ ଭିତରୁ ଗାମୁଛା କାଢି
ଶିବ ମନ୍ଦିର ସାମ୍ନାରେ ତଳେ ବିଛାଇ
ରାତି ପାହିଥିଲୁ ସେଦିନ।
ଏହାର ବେଶ କିଛି ବର୍ଷର ବ୍ୟବଧାନ ରେ
ରାଜ୍ୟର ଆରକ୍ଷୀ ବିଭାଗରେ
କାର୍ଯ୍ୟରତ ସମୟରେ
ଏଇ ସେଇ ରାସ୍ତା.....
ମୁହଁରେ ଆଉ ଏକ ମୁଖା
ଦେହରେ ଆରକ୍ଷୀର ଦର୍ପିତ ପୋଷାକ..
ଆଉ ଆଖିରେ ଚାହିଁ ଚାହିଁ
ପକ୍ଷରିହୁଏ ସେଇ ଶିବମନ୍ଦିର।
ଆଜି ବି ଏଇ ସେଇ ରାସ୍ତା...
ନିର୍ଜିବ ସୁସୁପ୍ତ...
ସେଉ ବିକଳ ଛାତ୍ର ଜୀବନ ଟିର ରାତ୍ରୀପରି....
ମୁହଁରେ ଭିନ୍ନ ଏକ ମୁଖା...
ମୁଖାର କପାଳରେ କୁଞ୍ଚିତ ରେଖା....
ଗଭୀର ରାତ୍ରିରେ ଯାହା
ରାସ୍ତାର ସେମୁଣ୍ଡର
ଫ୍ଲାଏଓଭରର ବାମ ପାର୍ଶ୍ୱରେ ଗଲେ
ଅନତି ଦୂରରେ ମୋ ବାସଗୃହ।
ଘରେ ମୋର ଭୟ ବିହ୍ୱଳ
ମୁଖା ପିନ୍ଧା ଭାର୍ଯ୍ୟା...।
ଏଥରକ ବିକଳ କରୁଣ ଦୃଷ୍ଟି
ମୋର ସେଇ ଶିବ ମନ୍ଦିର ଆଡେ....
ଅନ୍ୟମନସ୍କ ଭାବରେ
ହାତଟି ଉଠି ଯାଇଥିଲା
କପାଳକୁ ନମସ୍କାର ଭଙ୍ଗୀରେ....
ପଛ ପାଖରେ କାନ୍ଧ ଉପରେ
ସବୁଥର ପରି କାହାର ଉଷ୍ମ ହାତର ସ୍ପର୍ଶ..
ବୁଲି ପଡିବା ବେଳକୁ ଦୂରରେ ଅରିନ୍ଦମ ଦାସର
ବେଖିଆଲି ହସ.....
କଣ୍ଠରୁ ସ୍ୱତଃ ନିଃସୃତ ହେଉଥିଲା....
ଆମେ ସବୁ ସମୟର ସୃଷ୍ଟ.....
ଏକ ବିବର୍ଣ୍ଣ ଅର୍ଥହୀନ ମେଟାଫିଜିକ୍ସ....।

*ଗୋପୀନାଥପୁର, ପୁରୀ*



# ଅତୀତ

**କାହ୍ନୁ ଚରଣ ସାହୁ**



ବଢୁଛି ବୟସ ହଜିଛି ଅତୀତ
ସମୟ ସୁଅର ଧାରେ
ମନେପଡେ ଆଜ, ଭାଗବତ ଟୁଙ୍ଗୀ
ଶୁଣୁଥିଲି ଆନନ୍ଦରେ।
ଭଜନ ସାଥିରେ ଖଞ୍ଜଣିର ତାଳ
ଭାଗବତ ପ୍ରଭୁ ଚର୍ଚ୍ଚା
ସଂସ୍କୃତି, ସଂସ୍କାର ଆମ ପରମ୍ପରା
ମନ ରହୁଥିଲା ପର୍ଚ୍ଚା।
ପିଲାବେଳ ମନ, ନ ଥିଲା ମଳିନ
ମୁଖ ସଦା ହସ ହସ
ବୟସ କୋଣାର୍କେ ଲେସି ଦେଇଅଛି
ଭଙ୍ଗାରୁଜା ଅବଶୋଷ।
କେତେ ରାତି ଡେଇଁ ବଢ଼ିଛି ଆଗକୁ
ଲଣ୍ଠନ ତ ମୂକ ସାକ୍ଷୀ
ସପନ ସମ୍ମୁଖେ ଫିକା ଫିକା ଲାଗେ
ମାୟାବିନୀ କାଳି ରାତି।
ଅଗ୍ନିର ଆଘାତେ କେବେ ସେ ଲଣ୍ଠନ
ଲୁଣ୍ଠିତ ଯେ ହେଉଥିଲା
ସପନ ସାକାର କରିବାର ପଥେ
ବାଧା ସୃଷ୍ଟି କରୁଥିଲା।
ଫଟାକାଚରୁ ସେ ଦୁନିଆ ଦେଖିବା
ଅଶ୍ରୁଢାଳେ ସ୍କୁଲବେଳା
ଫାଟିଲା କାଚର ଦରଦରେ ଆଜି
ସପନ ସଫଳ ହେଲା।

*ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି*
*ମୋ - ୮୨୪୯୫୨୦୮୮୦*

(ପୂର୍ବପ୍ରକାଶ ଉତ୍ତାରୁ)

ସାମାଜିକ ଦୃଷ୍ଟିରୁ ରମେଶ ଓ ସାନ ଭାଇ ନରେଶ ବିନୁର ବିଭାଘର ମନ୍ଦିରରେ କଲେ। କିନ୍ତୁ ବିଭାଘରକୁ ଗଲେ ନାହିଁ ପିଉସୀ ନାନୀ ଶୈବାଳିନୀ ଦେବୀ କି ବୋହୁକୁ ଘରକୁ ଆଣିବାକୁ ସ୍ୱୀକୃତି ଦେଲେନାହିଁ।

ବେଳେ ବେଳେ ତାଙ୍କର ଏ ଦୃଢ ନିଷ୍ପତ୍ତି ମନକୁ ଆନ୍ଦୋଳିତ କରେ। ଏ ଜୀବନ ଆଉ କେତେଦିନ? ଭାଇ ଭାଉଜ ମାନେ ମୋର ଏ ନିଷ୍ପତ୍ତିରେ ଏକମତ କି ନୁହେଁ ଥରେ ପଚାରି ବୁଝି ନାହାଁନ୍ତି। ମୁଁ ସିନା ମୋର ସଂସ୍କାର ଆଉ ସଂସ୍କୃତିର ଅବମାନନା ହେବା କଥା କହୁଛି ନୂତନ ପିଢ଼ୀ କେତେ ଭାବୁଛନ୍ତି? ତଥାପି ସମୟର ପ୍ରବାହ ସହିତ ବୁଝାମଣାର ମନଟିକୁ ନେଇ ସାମିଲ ହେବାକୁ ଚେଷ୍ଟା କରନ୍ତି ଶୈବାଳିନୀ ଦେବୀ। ଆଜିକାଲିର ପିଲାମାନେ ଆଧୁନିକତାର ଉଗ୍ରତାକୁ ନେଇ ବିବେକ ଆକାଶର ଅନ୍ଧାରରେ ପହଁଚୁଛନ୍ତି। ଭଲ ମନ୍ଦ ବୁଝିବା ପୂର୍ବରୁ ଭୁଲ୍ କରି ବସୁଛନ୍ତି। ଅଭିଳଷିତ ଇଚ୍ଛା ମାନଙ୍କୁ ଗୁରୁତ୍ୱ ଦେଉଛନ୍ତି, ବଡ ମାନଙ୍କ ପରାମର୍ଶକୁ ଉଚିତ୍ ମଣୁ ନାହାଁନ୍ତି। ଶୈବାଳିନୀଙ୍କ ପ୍ରତିବାଦର ଅନ୍ତସ୍ୱର ଅନ୍ତରରେ ହିଁ ହୋଇ ଯାଇଥିଲା ନିର୍ବାପିତ। ପୁତୁରା ଏବଂ ପୁତୁରା ବୋହୁଙ୍କୁ ଛାଡି ଦେଇଥିଲେ ତାଙ୍କ ବାଟରେ। ଦୂରରେ ରହି ମଧ୍ୟ ବେଦନାସିକ୍ତ ହୃଦୟରୁ ଲମ୍ବି ଯାଉଥିଲା ଆଶୀର୍ବାଦର ହାତଟି ରକ୍ତର ମଥା ଉପରକୁ। ପରିସ୍ଥିତିକୁ ସାମାନ୍ୟ ଭାବରେ ନେଇଗଲେ ଜୀବନର ଅନେକ ଜଟିଳ ସମସ୍ୟା ବି ସ୍ୱାଭାବିକ ହୋଇଯାଏ। ଦ୍ୱିଧାଗ୍ରସ୍ତ ଖଣ୍ଡିତ ମନକୁ ନେଇ ବଞ୍ଚିବାକୁ ଚାହୁଁ ନ ଥିଲେ ମଧ୍ୟ ଦୂରରେ ରହି ପୁଅ ବୋହୁଙ୍କ ସହିତ ସୁସମ୍ପର୍କର ସେତୁଟିଏ ବାନ୍ଧିବାକୁ ସର୍ବଦା ଯତ୍ନବାନ ହେଉଥିଲେ। ତାଙ୍କର ନିଜର ବୋଲି ଆଉ କିଏ ଯେ?

ଜୀବନରେ ଅନେକ ଆଘାତର ଆବର୍ତ୍ତରେ ପଡି ନିଜର ସୁଖ ପାଇଁ ଅଭିମାନ ଅଭିଯୋଗ ଆଣିବା ଭୁଲି ଯାଇଥିଲେ। ଜୋର କରି ନିର୍ମଳ ସ୍ନେହ ଆଉ ଅଧିକାର ମିଳେନା; ଏକଥା ଭଲ ଭାବରେ ସେ ବୁଝିଥିଲେ। ତେଣୁ ବୟସର ଅନ୍ତିମ ପାହାଚରେ ସୁଖକୁ ଖୋଜି ଅପେକ୍ଷା ସାଲିସ୍ ହୋଇ ବଞ୍ଚିବା ଶିଖି ଯାଇଥିଲେ। ପରସ୍ପର ପ୍ରତି ଭଲ ପାଇବା ହିଁ ତାଙ୍କର ସୂତୀବ୍ର ବେଦନାର ଛାୟାକୁ ଦୂରୀଭୂତ କରିବାରେ ହୋଇଥିଲା ସହାୟକ।

ମାତ୍ର ସମୟର କ୍ରୁର ପ୍ରହାରରେ ବିନୁ ସବୁକିଛି ଭାଙ୍ଗି ଦେଇଗଲା। ଏକାକୀତ୍ୱର ଅଥଳ ଶୂନ୍ୟତାରେ ଶୈବାଳିନୀଙ୍କ ଜୀବନ। ତାକୁ ହିଁ ନିଜର ପୁତ୍ର ବୋଲି ଗ୍ରହଣ କରିଥିଲେ। ଦିଗହରା କାଳରାତ୍ରି ପରି ଆଜି ଅନିର୍ଦ୍ଦିଷ୍ଟ ହୋଇଗଲା ତାଙ୍କ ଜୀବନ। ଏକାକୀତ୍ୱର ନିଷ୍ଠୁର ତାଡନାରେ ଅବଶ ହୋଇଗଲା ଦେହ, ମନ, ପ୍ରାଣ। ଔପଚାରିକତା ଦୃଷ୍ଟିରୁ ବିନୁ ନେଇ ଯାଇଥିଲା ଶୈବାଳିନୀ ଦେବୀଙ୍କୁ ତା' ପାଖକୁ। ହେଲେ ସେଠାରେ ସେ ସେମାନଙ୍କ ଉପରେ ବୋଝ ହେବାକୁ ଚାହିଁଲେ ନାହିଁ। ସେଇଥିପାଇଁ ଫେରି ଆସିଲେ ବାପାଙ୍କ ତିଆରି ସେହି ମାଟିକାନ୍ଥ ଘରକୁ। ଆଉ ଖୋଜିବାକୁ ଚେଷ୍ଟା କରିଥିଲେ ବାର୍ଦ୍ଧକ୍ୟର ପ୍ରଶାନ୍ତିକୁ। ଭଗ୍ନ ମନ ତାଙ୍କ ଶରୀରକୁ କରିଦେଇଛି ଦୁର୍ବଳ। ନିଜ କର୍ମ କରିବାକୁ ବି ସେ ଧୀରେ ଧୀରେ ହୋଇ ଯାଉଛନ୍ତି ଅସମର୍ଥ। କଷ୍ଟଦାୟକ ହୋଇପଡିଛି ଏକାନ୍ତର ଶୂନ୍ୟତା। ଭାବନାରେ ନିମଗ୍ନ ଥିବାବେଳେ ପଛରୁ ଡାକ ଶୁଭିଲା ଝିଆରି ଅନୁର ସ୍ୱର। - 'ନାନୀ ତୁମର ବ୍ୟାଗ ସଜାଡି ଦେଇଛି....। କାଲି ସକାଳେ ଆମେ ବାହାରିଯିବା।'

# ପ୍ରତିବାଦର ଅନ୍ତଃସ୍ୱର

**ଲଳିତ ମୋହନ ମିଶ୍ର**





ସାନ ଭାଇର ଝିଅ ଅନୁ ଓ ଝିଆରୀ ଜ୍ୱାଇଁ ବିବସ୍ୱାନ ସକାଳୁ ଆସି ବାଧ୍ୟ କରୁଛନ୍ତି ସେମାନଙ୍କ ପାଖକୁ ମୋତେ ନେଇ ଯିବା ପାଇଁ। ଶୈବାଳିନୀ ଦେବୀ କିନ୍ତୁ ତାଙ୍କ ସ୍ୱାଭିମାନକୁ ବଳି ଦେଇ ପାରୁ ନାହାଁନ୍ତି। ଅନୁକୁ ଡାକି ବୁଝାଇଲେ -'ଦେଖ ମା, ପୁଅ ଥାଉ ଥାଉ ଝିଅ ଘରେ ରହିବାଟା ଶୋଭନୀୟ ନୁହେଁ। ଲୋକେ କ'ଣ କହିବେ? ଅପା ଝିଆରୀର କଥାରେ ମୁଣ୍ଡ ପୁରାଇଲେ ନାହିଁ ଭାଇମାନେ। ଝିଆରୀର କଥୋପକଥନକୁ ଶ୍ରବଣ କରି ଜ୍ୱାଇଁ ବିବସ୍ୱାନଙ୍କ ଯୁକ୍ତି -' ଅନୁକୁ ମଣିଷ କରିବାରେ ଆପଣଙ୍କର ଅବଦାନ ଅତୁଳନୀୟ। ତା'ର ଅଧିକାର ଅଛି ସେ ତାର ଅପାକୁ ନେଇ ପାଖରେ ରଖିବା ପାଇଁ। ଆପଣମାନଙ୍କ ଭଳି ଅନେକ ବୃଦ୍ଧ, ବୃଦ୍ଧା ଆଜି ସ୍ୱାଭିମାନର ରଜ୍ଜୁଟିକୁ ଧରି ବୃଦ୍ଧାଶ୍ରମର ଦ୍ୱାରସ୍ଥ ହେଉଛନ୍ତି। ଆପଣମାନଙ୍କର ତ ଏ ବୟସରେ ଆଉ ବିଳାସର ବିସ୍ତିର୍ଣ୍ଣ ଆକାଶ ନୁହେଁ କାମ୍ୟ; ଖାଲି ଆବଶ୍ୟକ ଅଛି ସ୍ନେହ ସହାନୁଭୂତିରେ ପୂର୍ଣ୍ଣ ଏକ ମଞ୍ଜୁଳ, ମଧୁମୟ ଅଗଣାର। ଆଉ ସେ ଅଗଣାଟି ଝିଆରୀ ଘରେ ମିଳିଲେ କ୍ଷତି କଣ? ତା'ଛଡା ଏ ବୟସରେ ଆପଣମାନଙ୍କୁ ଯନ୍ତ୍ରଣାର ଜତୁଗୃହରେ ନିକ୍ଷେପିତ ହେବା ପାଇଁ ଛାଡି ଦେବା କ'ଣ ଆମ ଶିକ୍ଷିତ ସମାଜ ପାଇଁ କଳଙ୍କ ନୁହେଁ କି? ଆଉ କେତେଦିନ ସମାଜର କଟାକ୍ଷ ପାଇଁ ଆମ ଶିକ୍ଷାର ମୂଲ୍ୟବୋଧ ନ୍ୟୁନ ହେଉଥିବ?

ଝିଆରୀ ଆଉ ଝିଆରୀ ଜ୍ୱାଇଁଙ୍କର ପରିପକ୍ୱତାର କଥା ଶୁଣି ଶୈବାଳିନୀ ଦେବୀଙ୍କ ମୁହଁରେ ଖେଳିଗଲା ପ୍ରସ୍ଫୁଟିତ ପଦ୍ମ ପୁଷ୍ପ ପରି ସରସ, ସହାସ୍ୟର ରେଖା। କିଛି ଭାବି ଉତ୍ତର ଦେବା ଆଗରୁ ସେ ନିଜକୁ ଆବିଷ୍କାର କରିଥିଲେ ଗାଡି ଭିତରେ। ଆଉ ଅନୁଭବ କରୁଥିଲେ ଆକାଶକୁ ଢାଙ୍କିଥିବା ଛିଣ୍ଡା ଛିଣ୍ଡା ମେଘର ଫାଙ୍କ ଭିତରୁ ଝରି ପଡୁଥିବା ସୂର୍ଯ୍ୟଙ୍କ ଆଭାର ମହତ୍ତ୍ୱକୁ। ପ୍ରକୃତରେ ଏ ଦୁନିଆ ଯେତେ ବି ଅନ୍ଧାର ହେଲେ ମଧ୍ୟ କେଉଁଠି ନା କେଉଁଠି ଆଶାର କିରଣଟିଏ ଝଲସୁ ଥାଏ। ବାସ --ତା'କୁ ଖୋଜିବା ପାଇଁ ପରିବେଶ, ପରିସ୍ଥିତି ଆଉ ସହଯୋଗର ହାତଟିଏ ଲୋଡା। ତାଙ୍କ ସାମ୍ନାରେ ଆଜି ଦୃଶ୍ୟମାନ ହେଉଥିଲା ଏକ ଭିନ୍ନ ଦିଗବଳୟ। ଯେଉଁଠି ଏକ ନୂତନ ଲୋହିତ ସୂର୍ଯ୍ୟ ଉଦିତ ହୋଇ ସମ୍ଭାବନାର ମୁରୁଜ ସାଥେ ମିଳେଇ ଯାଉଥିଲା। ନିଜର ସ୍ୱାଭିମାନ ଓ ନୈଷ୍ଠିକତାକୁ ଜଳାଞ୍ଜଳି ଦେଇ ବୟସର ସାୟାହ୍ନରେ ନିଜର ରକ୍ତର ସ୍ନେହକୁ ଆଦରି ନେଇଥିଲେ।

*ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ*
*ଚନ୍ଦ୍ରଗିରି, ଗଜପତି*
*ଦୂରଭାଷ : ୯୪୩୭୯୮୫୮୬୬*

# ପିଲାଙ୍କ ଦୁନିଆ





**ବିଶୃତି**
ଷ୍ଟାଣ୍ଡାର୍ଡ - ୧
ମଡର୍ଣ୍ଣ ପବ୍ଲିକ ସ୍କୁଲ
ନୋଇଡା, ୟୁପି

# କବିତାର କଥା

(ଭାଗ-୪୦)



**ଉମାକାନ୍ତ ରାଉତ**



# ନୂତନ ଦିଶାର ଆବାହକ - କବି ଗୁରୁପ୍ରସାଦ

ପୂର୍ବ କେଇଟି ଭାଗରେ ମାଟିର କବି ସଚ୍ଚି ରାଉତରାୟଙ୍କ ଅମର ସୃଷ୍ଟି 'ବାଜି ରାଉତ' କାବ୍ୟର କିଞ୍ଚିତ ଆଲୋଚନା ପରେ ତାଙ୍କ ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିବା ଅନ୍ୟ ଜଣେ ଯୁଗସ୍ରଷ୍ଟା କବି ଗୁରୁପ୍ରସାଦ ମହାନ୍ତିଙ୍କ ବିଷୟରେ କାବ୍ୟମୋଦୀର ପାଠକମାନଙ୍କୁ ସମ୍ୟକ୍ ଧାରଣା ଦେବାକୁ ଉଚିତ୍ ମନେ କରୁଛି। ଗୁରୁପ୍ରସାଦ ମୁଖ୍ୟତଃ କବି ଟି.ଏସ୍. ଏଲିୟଟ୍ ,ବଙ୍ଗୀୟ କବି ଜୀବନାନନ୍ଦ ଦାସ ଓ ଓଡ଼ିଆ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିଲେ ହେଁ (ଅନୁକରଣ ନୁହେଁ) ନିଜର ମୌଳିକତାର ଦିପ୍ତୀ ତାଙ୍କର କାବ୍ୟଜଗତକୁ ଋଦ୍ଧିମନ୍ତ କରି ଏକ ଭିନ୍ନ ଯୁଗସୃଷ୍ଟିର ଅୟମାରମ୍ଭ କରିପାରିଥିଲା ବୋଲି ମୋର ମତ।

ହାଣ୍ଡିରୁ ଭାତ ଚିପିଲାଭଳି ନିମ୍ନ କେଇଟି ଉଦାହରଣରୁ ଏହା ବୁଝିହୁଏ। 'ପାଣ୍ଡୁଲିପି' ସଂକଳନର ସଚ୍ଚି ରାଉତରାୟଙ୍କ 'ଅଳକା ସ୍ୟାନ୍ୟାଲ୍' ଗୁରୁବାବୁଙ୍କ ଉପରେ ଏତେମାତ୍ରାରେ ସବାର୍ ହୋଇଥିଲା ଯେ ସେହି ଏକା ନାମରେ ଏବଂ ସଚ୍ଚି ବାବୁଙ୍କର ଉକ୍ତ କବିତାର ପ୍ରଥମ ପାଦକୁ ଥାପି ସିଏ ରଚନା କରିଥିଲେ ସମ୍ପୂର୍ଣ୍ଣ ନିଜସ୍ୱ ମୌଳିକତାରେ ପରିପୂର୍ଣ୍ଣ ସେଇ ସମାନ ଶିରୋନାମର କବିତା 'ଅଳକା ସ୍ୟାନ୍ୟାଲ୍'।

ସଚ୍ଚିବାବୁ ତାଙ୍କ ଅଳକା ସ୍ୟାନାଲ୍ ରେ ଆରମ୍ଭରୁ କହୁଛନ୍ତି --

"ପ୍ରଥମେ ତୁମକୁ ଯେବେ ଦେଖିଲି ଅଳକା ସ୍ୟାନ୍ୟାଲ୍
ବିଦେହର ରାଜପୁରେ, ଲକ୍ଷ ସ୍ୱର୍ଣ୍ଣ ହରିଣର ଛାଇ
ଛାଇଥିଲା ପୃଥିବୀରେ ଫଗୁଣର ଆଶ୍ଚର୍ଯ୍ୟ ଗୋଧୂଳି"

ଗୁରୁବାବୁଙ୍କ "ଅଳକା ସ୍ୟାନ୍ୟାଲ୍" ଆରମ୍ଭ ହେଉଛି ଏହିଭଳି --

"ତୁମକୁ ବା ସଚ୍ଚିବାବୁ ଦେଖିଥିଲେ କେବେ
ଜାଣେ ନାହିଁ ଅଳକା ସ୍ୟାନ୍ୟାଲ୍
ସେତେବେଳେ ଆକାଶରେ ସ୍ୱର୍ଣଚିତା ବାଘ ଅବା ହରିଣର ଛାଲ
ଅବା ଥିଲା ଗୋଲ୍ ହୋଇ ହଳଦୀଆ ଜହ୍ନର ମଶାଲ"

ପୁଣି ଗୁରୁବାବୁ କହିଛନ୍ତି --

"ତୁମକୁ ବା ସଚ୍ଚିବାବୁ କେବେ ଥରେ ଚିତ୍ରରଥ ଗନ୍ଧର୍ବ ହାତରୁ
ଛଡ଼ାଇ ଆଣିଲାବେଳେ ତୁମେ କଲ ଜୟଜୟକାର
ତା'ପରେ ବା ପୁଣି କେବେ ନୂଆଖାଲି ପଠାଣ ବସ୍ତିରୁ
ଭାରତର ସ୍ୱାଧୀନତା ଦେଲା ପୁଣି ଦ୍ୱିତୀୟ ନିସ୍ତାର"

ସଚ୍ଚିବାବୁ "ଅଳକା ସ୍ୟାନ୍ୟାଲ୍"ରେ କ'ଣ କହୁଛନ୍ତି ଲକ୍ଷ୍ୟ କରାଯାଉ।

"ସନ୍ଧାନ ତୁମର କେତେ କଲି ମୁଁ ଯେ ସେହି ଦିନଠାରୁ
ମନେପଡ଼େ ତୁମକୁ ମୁଁ ଚିତ୍ରରଥ ଗନ୍ଧର୍ବ ହାତରୁ
ଆଉ ଦିନେ ଉଦ୍ଧରିଲି, ପୁରସ୍କାର ଦେଇଥିଲ ମତେ....ଇତ୍ୟାଦି...

ପୁଣି

"ଆଜି କିନ୍ତୁ ଦେଖାହେଲା ସମୟର ଡେଇଁ ଚୋରାବାଲି
ତୁମକୁ ଲୁଚାଇଥିଲା ଶ୍ମଶାନିତ ଭଙ୍ଗା ନୂଆଖାଲି"

କେବଳ ଏତିକି ନୁହେଁ। "କପୋତ କପୋତୀ"ରେ ଗୁରୁବାବୁ ଲେଖୁଛନ୍ତି --

"ଏ ରାତି ବିଛାଇ ଦିଏ ସ୍ୱପ୍ନ
ଆଉ ଯୁଗ ଯୁଗ କଳ୍ପ କଳ୍ପ ତାରା ଆଉ ତାରା
ତୁମରି ଭ୍ରୁଲତା ତଳେ ମିଶିଯାଏ ଦିଗବଳୟ
ରାଧାନାଥ ରାୟ ଆଉ ସଚ୍ଚି ରାଉତରା ......
ସେ କହିଲା, "ଏହି ମୋର ସିଲ୍କ୍ ଶାଢ଼ୀ ଆକାଶୀ ରଙ୍ଗର
ଆକାଶରୁ ଖସିଆସେ ତାରା ଆଉ ସଚ୍ଚି ରାଉତରା।"

ନିଜସ୍ୱ ମୌଳିକତାରେ ଋଦ୍ଧିମନ୍ତ ହୋଇଥିଲେ ହେଁ ସଚ୍ଚି ରାଉତରାୟଙ୍କ କାବ୍ୟିକ ଆବେଦନ କବିଙ୍କୁ କେମିତି ଅନୁପ୍ରାଣୀତ ଓ ଆଚ୍ଛାଦିତ କରି ରଖିଥିଲା ତାହାର ଆଉ ଏକ ନମୁନା ନିମ୍ନମତେ ଦିଆଯାଇପାରେ।

"ପ୍ରତିମା ନାୟକ"ରେ ଯେତେବେଳେ ସଚ୍ଚି ରାଉତରାୟ ଲେଖୁଛନ୍ତି -

"ଆକାଶର ଫିକାରଙ୍ଗ - ସାବୁନ୍ ର ଫେଣପରି ସଫା
ଧାନ -ଶିଡି ନଦୀ ଟପି...... ଇତ୍ୟାଦି ...
ଓ
ପଡ଼ିଅଛି କବିତାରେ ଏତେବେଳେ କାନ୍ଦେ ଚକ୍ରବାକ
ହଠାତ୍ ଯେ ଦେଖାହେଲା ବହୁଦିନେ ପ୍ରତିମା ନାୟକ"

କବି ଗୁରୁମହାନ୍ତି'ଶରତ ଋତୁର ଜହ୍ନ"ରେ କହୁଛନ୍ତି --

"ଶରତ ଋତୁର ଜହ୍ନ ଯାଏ ଯେବେ ଆସ୍ତେ ଯାଏ
ଡେଇଁ ଡେଇଁ ଛୋଟ ଛୋଟ ବଉଦର ଶିଡି
ଏତେବେଳେ ଚକ୍ରବାକ ବୋଧହୁଏ କାନ୍ଦୁଥିବ
ଏତେବେଳେ ବିଛଣାରେ ନିଦ ଭାଙ୍ଗି ଆସୁଥିବ ଲାବଣ୍ୟବତୀର"

ଏହି ଲାବଣ୍ୟବତୀଟି ସଚ୍ଚିବାବୁଙ୍କସ "ଲାବଣ୍ୟବତୀକୁ ଚନ୍ଦ୍ରଭାନୁର ଚିଟାଉ"ର ଲାବଣ୍ୟବତୀ ନୁହେଁ ତ?!

ଏମିତି ଖୋଜିଲେ ଏକାଧିକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସଚ୍ଚିଙ୍କର "ବସନ୍ତର ନିଛକ ଜିଲ୍ଲାରେ "ସହ ଗୁରୁଙ୍କର" ବସନ୍ତ ସହିତ ଆମେ"ର ସାମଞ୍ଜସ୍ୟକୁ ଲକ୍ଷ୍ୟ କରାଯାଇପାରେ।

ଇଂରାଜୀରେ ଗୋଟିଏ କଥା ଅଛି - QUALITY IS INVERSELY PROPORTIONAL TO QUANTITY " . ଅର୍ଥାତ୍ ଗୁଣ ହିଁ ସଂଖ୍ୟାର ବ୍ୟୁତସମାନୁପାତୀ। ଏହି ଉକ୍ତିଟି ଅବିକଳଭାବେ କବି ଗୁରୁପ୍ରସାଦଙ୍କ ପ୍ରତି ପ୍ରଜୁଜ୍ୟ। ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଆ କାବ୍ୟ ସାହିତ୍ୟର ପ୍ରତିଷ୍ଠିତ କାବ୍ୟଶିଳ୍ପୀମାନଙ୍କ ମଧ୍ୟରେ ସବୁଠାରୁ କମ୍ କବିତା ଲେଖି ଜଣେ ଯୁଗସ୍ରଷ୍ଟା କବିର ମାନ୍ୟତା ଲାଭ କରିଥିବା ଏକମାତ୍ର କବି ହିଁ କବି ଗୁରୁପ୍ରସାଦ ମହାନ୍ତି। ୧୯୪୦ରୁ ସିଏ ଲେଖିଥିବା ଏବଂ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିବା ସବୁ କବିତା ସୁଲଭ୍ୟ ନୁହେଁ। ହେଲେ ୧୯୪୫ ରୁ ୨୦୦୪ ପର୍ଯ୍ୟନ୍ତ ତାଙ୍କର ସମୁଦାୟ କବିତାର ସଂଖ୍ୟା ୭୦ ରୁ ୭୫ ମଧ୍ୟରେ ହେବ। ସଂଖ୍ୟାରେ ଖୁବ୍ କମ୍ ହୋଇଥିଲେ ହେଁ ତାଙ୍କର କୌଣସିଟି କବିତାକୁ ଉପେକ୍ଷା କରାଯାଇ ପାରିବ ନାହିଁ। ପରବର୍ତ୍ତୀ ଭାଗମାନଙ୍କରେ ସେସବୁର ଘନିଷ୍ଠ ଆବେଦନ, ଶକ୍ତି, ପ୍ରଜ୍ଞା ଏବଂ ପ୍ରତ୍ୟୁତ୍ପନ୍ନମତତା ଉପରେ ସର୍ଜ୍ଜନାତ୍ମକ ବିଶ୍ଳେଷଣ କରିବାକୁ ନିଜ ସୀମିତ ଜ୍ଞାନମତେ ଯଥାସାଧ୍ୟ ପ୍ରୟାସ କରିବି।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଆଲୁମିନିୟମ କମ୍ପାନୀ ପ୍ରତିଷ୍ଠା ପାଇଁ ଜନ ଶୁଣାଣି



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଓଡିଆପେଣ୍ଠ ପଞ୍ଚାୟତର ଧରଣ ଗ୍ରାମ ଠାରେ ଆଜି ହିଣ୍ଡାଲ୍କୋ କମ୍ପାନୀ ଦ୍ୱାରା ୧୧ ହଜାର କୋଟି ନିବେଶରେ ଏକ ଆଲୁମିନା କମ୍ପାନୀ ପ୍ରତିଷ୍ଠାକୁ ନେଇ ଏକ ଜନ ଶୁଣାଣି କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି ।ଏନେଇ ଜିଲ୍ଲା ପ୍ରଶାସନ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ୨୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରା ଯାଇଥିଲା ।ଅତିରିକ୍ତ ଜିଲ୍ଲା ପାଳ ରାଜେନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଉପସ୍ଥିତ ଗ୍ରାମବାସିଙ୍କ ତରଫରୁ ୨୧ ଜଣ ନିଜନିଜ ମନ୍ତବ୍ୟ ପ୍ରକାଶ କରିଥିବାସହ ୬ଟି ଦାବି ପତ୍ର ପ୍ରଦାନ କରାଯାଇଥିଲା।ଉକ୍ତ ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଶିକ୍ଷା,ସ୍ୱାସ୍ଥ୍ୟ,ପାନିୟ ଜଳ ଓ ଗମନାଗମନର ସୁବିଧା ସହ ପୁନଃ ଜମିହରାଙ୍କୁ ପଇସା ପୈଠ କରାଯାଉ ବୋଲି ଉଲ୍ଲେଖ ଥିଲା।ଏଥିସହ ଉପସ୍ଥିତ ସମସ୍ତ ଛଅଟି ଗ୍ରାମର ଲୋକେ କମ୍ପାନିକୁ ସ୍ୱାଗତ କରିଥିଲେ।କମ୍ପାନି ଗଲେ ଆମ ଅଞ୍ଚଳ ପୁରା ବଦଳିଜିବ।ଶିକ୍ଷିତ ବେକାରି ମାନେ ରୋଜଗାର ପାଇବେ।ବାହାରକୁ ଦାଦନ ଖଟିବାକୁ ଜିବେ ନାହିଁ।ଆର୍ଥିକ ଅନଟନରେ କେହି ରହିବେ ନାହିଁ ବୋଲି କହିଥିଲେ।ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କମ୍ପାନି ନିର୍ମାଣକୁ ଏହା ଆମ ଅଞ୍ଚଳ ପାଇଁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ ବେଳେ ଲକ୍ଷ୍ମୀପୁର ଠାରେ ଏକ ବଡ ଧରଣର ହସ୍ପିଟାଲ,ପ୍ରତ୍ୟେକ ଅଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ,ଚାଷ ଜମି ପାଇଁ ମେଗା ଉଠା ଜଳସେଚନ ପ୍ରକଳ୍ପ,ପାନିୟ ଜଳ ପ୍ରକଳ୍ପ କରାଯାଉ ବୋଲି ପୂର୍ବତନ ବିଧାୟକ କୈଳାସ କୁଲେସିକା ନିଜ ଦାବି ଉପସ୍ଥାପନ କରିଥିଲେ। ଏଥିସହ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଆଇ କୁଲେସିକା,ପୂର୍ବତନ ଅଧ୍ୟକ୍ଷ କୈଳାସ କୁଲେସିକା,ଓଡିଆପେଣ୍ଠ ସରପଞ୍ଚ,ଆଲାଇ ହିକକା, ଓ୍ୱାର୍ଡ ସଭ୍ୟ ରବି ପ୍ରଧାନୀ,ଅଶୋକ ହାଲଡ଼ା,ବିପିନ ମାଣ୍ଡିଙ୍ଗା,ସହଦେବ ବିଡ଼ିକା,ସୁବାସ ମାଣ୍ଡିଙ୍ଗା ପ୍ରଭୃତି ବିସ୍ଥାପିତ ଅଞ୍ଚଳ ବାସିଙ୍କ ତରଫରୁ ପ୍ରତ୍ୟେକ ସମସ୍ୟା ଉପରେ ଅବଗତ କରାଇ ତୁରନ୍ତ ତାହାର ପ୍ରତିକାର ବ୍ୟବସ୍ଥା କରି କମ୍ପାନୀ ଆରମ୍ଭ କରାଯାଉ ବୋଲି କହିଥିଲେ।ଗ୍ରାମବାସିଙ୍କ ପ୍ରଶ୍ନର ଉତ୍ତରରେ ହିଣ୍ଡାଲ୍କୋ କମ୍ପାନିର ଉପଦେଷ୍ଟା ସୂର୍ଯ୍ୟକାନ୍ତ ମିଶ୍ର ସବୁକିଛି ସରକାରଙ୍କୁ ଆମେ ଜଣାଇବୁ ବୋଲି କହିବା ସହ ପ୍ରଥମେ ଏଠାକାର ମହିଳା ମାନଙ୍କ ପାଇଁ ଏକ ଷ୍ଟିଚିଂ କମ୍ପାନି କରାଯିବ ଯେଉଁଥିରେ ପ୍ରାୟ ଦୁଇ ହଜାର ମହିଳା ନିଯୁକ୍ତି ପାଇବେ ବୋଲି କହିଥିଲେ।ପ୍ରଦୂଷଣ ବିଭାଗ ଆଞ୍ଚଳିକ ଅଧିକାରୀ ଡ଼.ପ୍ରସାନ୍ତ କର,ହିଣ୍ଡାଲ୍କୋ ଆଡଭାଇଜର୍ ସୂର୍ଯ୍ୟକାନ୍ତ ମିଶ୍ର,ହିଣ୍ଡାଲ୍କୋର ଭାଇସ୍ ପ୍ରେସିଡେଣ୍ଟ ଡ.ରାମଚନ୍ଦ୍ର ରାଉତ,ଆଦିତ୍ୟ ଆଲୁମିନା କମ୍ପାନିର ସଞ୍ଜିତ ପଟେଲ୍ ଓ ସତ୍ୟ ସୁନ୍ଦର ସାହୁ ଉପସ୍ଥିତ ରହି ସମସ୍ତଙ୍କ ଅଭିଯୋଗ ଶୁଣିଥିଲେ। ଶାନ୍ତି ଶୃଙ୍ଖଳା ମଧ୍ୟରେ ଆଜିର ଜନ ଶୁଣାଣି କାର୍ଯ୍ୟକ୍ରମ ଶେଷ ହୋଇଥିଲା ବେଳେ ୪୦ ଜଣ ପୋଲିସ ଅଧିକାରୀଙ୍କ ସମେତ ଲକ୍ଷ୍ମୀପୁର ଏସଡିପିଓ ଅଶ୍ୱିନି କୁମାର ନାୟକ,ଥାନା ଅଧିକାରୀ ଗୌରହରି ସାହୁ,ସବଇନିସପେକ୍ଟର୍ ସସ୍ମିତ ସ୍ୱାଇଁ,ବିଡିଓ ପ୍ରିତି ରଞ୍ଜନ ରଥ,ତହସିଲଦାର୍ ବନବିହାରି ଦିଶା ପ୍ରଭୃତି ଉପସ୍ଥିତ ଥିଲେ।

# ଡାବୁଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଡାବୁଗାଁ ବନ ବିଭାଗ ତରଫରୁ ଗୁରୁବାର ୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ଡାବୁଗାଁ ବନାଞ୍ଚଳ ଅଧୀନ ମୋଟ ୧୦୭ ଟି ବନ ସୁରକ୍ଷା ସମିତିର ସଭାପତି ଓ ସଭ୍ୟାସଭ୍ୟ ଏବଂ ୩୪ ଜଣ ଅନିମେଟର ପ୍ରମୁଖ ଯୋଗ ଦେଇଥିଲେ । ବନାଞ୍ଚଳ କାର୍ଯ୍ୟାଳୟ ଠାରୁ ଏକ ରାଲି ବାହାରି ଜଙ୍ଗଲ ସୁରକ୍ଷା କରିବା, ବନ୍ୟଜନ୍ତୁ ପ୍ରାକୃତିକ ସମ୍ପଦ- ଏହାର ସୁରକ୍ଷା ଆମର ଦାୟିତ୍ୱ, ଜୀବେଦୟା ଆମର ଧର୍ମ, ବନ୍ୟଜନ୍ତୁଙ୍କୁ ପୋଷା ମନେଇବା ଏକ ଦଣ୍ଡନୀୟ ଅପରାଧ,ଜଙ୍ଗଲ ଆମର ମାଁ ତାର ସୁରକ୍ଷା ଆମର ଦାୟିତ୍ୱ ଭଳି ବିଭିନ୍ନ ସ୍ଲୋଗାନ ଦେଇ ଡାବୁଗାଁ ସହର ପରିକ୍ରମା କରିଥିଲେ । ଏଥିରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ, ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ଜଟାବାଲ ବନପାଳ ସ୍ଥିତିପ୍ରଜ୍ଞା ତ୍ରିପାଠୀ, ବନରକ୍ଷୀ ମନୋରଞ୍ଜନ ନାୟକ, ପ୍ରକାଶ ସରକାର, ସୁଶାନ୍ତ ସିଂ, ରାମାକାନ୍ତ ସାହୁ, କୁନ୍ତଳା କୁମାରୀ କୁମାରୀ ଖୁରା, ରିତାରାଣୀ ବିଶ୍ୱାସରାୟ, ଅନିତା ହିଆଲ ଏବଂ ସମସ୍ତ ବନରକ୍ଷୀ ଓ ବନ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନାର ହରିହର ନାୟକ ଓ କୃପାଦାସ ମହୁରିଆ ପରିଚାଳନା କରିଥିଲେ।

## ବ୍ୟାଙ୍କ ସମୂହ ଜିଲ୍ଲା ପରାମର୍ଶଦାତା କମିଟିର ସମୀକ୍ଷା ବୈଠକ

# ମିଶନ ଶକ୍ତିକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହଠାରେ ବ୍ୟାଙ୍କ ସମୂହ ଜିଲ୍ଲା ପରାମର୍ଶ ଦାତା କମିଟିର ଏକ ବୈଠକ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ କହିଥିଲେ ଯେ, ରାଜ୍ୟ ସରକାର ମିଶନ ଶକ୍ତିକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କରିଛନ୍ତି। ପ୍ରତ୍ୟେକ ମହିଳା ସ୍ୱୟଂ ସହାୟକା ଦଳକୁ ୨.୫ଲକ୍ଷ ଋଣ ପ୍ରଦାନ କରିବାକୁ ବ୍ୟାଙ୍କର ମାନଙ୍କୁ ପରାମର୍ଶ ଦେଇଥିଲେ। ମହିଳା ସ୍ୱୟଂ ସହାୟକ ଦଳକୁ ସଶକ୍ତି କରଣ କରିବାପାଇଁ ବ୍ୟାଙ୍କ ଋଣ ପ୍ରଦାନ ଜରୁରୀ ଆବଶ୍ୟକତା ରହିଛି। ଜିଲ୍ଲାରେ ଅଣୁ, ମାଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗର ସମସ୍ତ ଶିଳ୍ପ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଲିଙ୍କେଜ ମାଧ୍ୟମରେ ଋଣ ପ୍ରଦାନ କରିବା ଓ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ଆବଶ୍ୟକୀୟ ଋଣ ଓ ସବସିଡି ପ୍ରଦାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ବ୍ୟାଙ୍କର ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି ଜେନେରାଲ ମ୍ୟାନେଜର ୟୁକୋ ବ୍ୟାଙ୍କ ଲଲାଟେନ୍ଦୁ ବେହେରା ଯୋଗଦେଇ ଜିଲ୍ଲାରେ ଦୁଗ୍ଧ ଚାଷୀ ଓ ମତ୍ସ୍ୟଚାଷୀଙ୍କୁ ଋଣ ପ୍ରଦାନ କରିବାପାଇଁ ବ୍ୟାଙ୍କର ମାନଙ୍କୁ ବି ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ବିରକିଶୋର ପରିଡା କହିଲେ ଜିଲ୍ଲାରେ ପ୍ରତ୍ୟେକ ଦିନ ୧ଲକ୍ଷ ୨୦ ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଛି। କିନ୍ତୁ ଦୁଗ୍ଧ ଚାଷୀମାନଙ୍କୁ ସେହି ପରିମାଣରେ ଆର୍ଥିକ ଋଣ ପ୍ରଦାନ କରାଯାଉନାହିଁ। କିଷାନ କ୍ରେଡିଟ ଲାର୍ଡ ମାଧ୍ୟମରେ ଅଧିକରୁ ଅଧିକ ଦୁଗ୍ଧ ଚାଷୀମାନଙ୍କୁ ଋଣ ପ୍ରଦାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଏଲଡିଓ ଆର.ବି.ଆଇ ତାରିଣୀ ଚରଣ ପାଇକ, ନାବାର୍ଡ ଜିଲ୍ଲା ଉନ୍ନୟନ ମ୍ୟାନେଜର ବିଶ୍ୱଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ଧାର୍ଯ୍ୟ ଲକ୍ଷ୍ୟ ପୁରଣପାଇଁ ସମସ୍ତ ବ୍ୟାଙ୍କ ଗୁଡିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ଜୁନ ୨୦୨୧ ସୁଦ୍ଧା ସିଡି ଅନୁପାତ ୩୨ ପ୍ରତିଶତରୁ ବୃଦ୍ଧିପାଇ ୩୭ ପ୍ରତିଶତ ହୋଇଛି। ନାବାର୍ଡର ଋଣ ପରିମାଣକୁ ମିଶାଇଲେ ଏହା ୪୪ ପ୍ରତିଶତ ହେବ ବୋଲି ଲିଡ ବ୍ୟାଙ୍କ ମ୍ୟାନେଜର ସତୀଷ କୁମାର ପାତ୍ର ସୂଚନା ଦେଇଥିଲେ। ଗତ ୩ମାସରେ ବାର୍ଷିକ କ୍ରେଡିଟ କାର୍ଡ ୧୪ ପ୍ରତିଶତ ଥିବା ସେ ପ୍ରକାଶ କରିଥିଲେ। ବୈଠକରେ କରୋନା ଯୋଜନା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ, କୁକୁଡାଚାଷ, ଦୁଗ୍ଧ ଉତ୍ପାଦାନ, କିଷାନ କ୍ରେଡିଟ କାର୍ଡ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଓଡିଶା ଜୀବିକା ମିଶନ, ସହରାଚଂଳ ଜୀବିକା ମିଶନ, ପିଏମ୍ ଜିପି, ୟୁକୋ ଆରେଷ୍ଟି, ବୁଣାକାର କିଷାନ କ୍ରେଡିଟ କାର୍ଡ, ବ୍ୟାଙ୍କିକ ଇଣ୍ଡିକେଟର ଓ ଋଣ ଆଦାୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ସତୀଶ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଏଜେଣ୍ଡା ମୁତାବକ ଆଲୋଚନାକୁ ଆଗେଇ ନେଇଥିଲେ।

# ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଗଠିତ




**ନବରଙ୍ଗପୁର :** ସମଗ୍ର ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହ ର ସମାପ୍ତ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ର ଆରମ୍ଭ କରିଛନ୍ତି ଅନ୍ୱେଷା ଅଭିଯାନ। କମ ବୟସରେ ବିବାହ ବନ୍ଧନ ରେ ନବାନ୍ଧି ପିତା ମାତା ଓ ସଂପ୍ରଦାୟକୁ ବୁଝାଇ କିଶୋରୀ ମାନଙ୍କର ପ୍ରତିଭାକୁ ବିକଶିତ କରିବା ହେଉଛି ଅନ୍ୱେଷା ଅଭିଯାନ ର ମୂଳ ଉଦ୍ଦେଶ୍ୟ । ଜିଲ୍ଲାରେ ବାଲ୍ୟ ବିବାହ ର ସମାପ୍ତ ଉଦ୍ଦେଶ୍ୟରେ ଅନ୍ୱେଷା ଅଭିଯାନ ମାଧ୍ୟମରେ ହେଉଥିବା କାର୍ଯ୍ୟକ୍ରମରେ ଆଉ ପାଦେ ଆଗକୁ ବଢିଛି ଜିଲ୍ଲା ପ୍ରଶାସନ । କିଶୋର କିଶୋରୀ ମାନଙ୍କୁ ସଶକ୍ତ କରାଇବା ସହିତ ବାଲ୍ୟ ବିବାହ କୁ ରୋକିବା ଦିଗରେ ଆଜି ମିଶନଶକ୍ତି ସଭାଗୃହ ଠାରେ ବାଳିକା ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଗଠିତ ହୋଇଯାଇଛି । ଆଜି ଜିଲ୍ଲାର ୧୦ ଗୋଟି ବ୍ଲକରେ ବାଳିକା ମଣ୍ଡଳୀର ୫୦ ଜଣ ସଖୀ ଓ ସହେଲି ମାନଙ୍କୁ ନେଇ ଗଠିତ ଏହି ଜିଲ୍ଲାସ୍ତରୀୟ ମଞ୍ଚ କୁ ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ର ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ ଅଧକ୍ଷତା ରେ ଆୟୋଜିତ ସଭରେ,ଭାଗ ନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟି , ଜିଲ୍ଲା ସମାଜ କଲ୍ୟାଣ ବିଭାଗ , ୟୁନିସେଫ ଓ ଆକ୍ସନଏଡ ର ମିଳିତ ପ୍ରୟାସ ରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଗ୍ରାମ ଗୁଡିକରେ ସଚେତନତା କାର୍ଯ୍ୟ କ୍ରମ ଚାଲୁଥିବାର ସୂଚନା ଦେବା ସହିତ ବର୍ତ୍ତମାନ ଜିଲ୍ଲାରେ ୨୦୨ ଗୋଟି ବାଲ୍ୟ ବିବାହ ରୋକାଯିବା ସହିତ ୫୯୫ ଟି ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇ ଥିବାର ଜଣାଇ ଥିଲେ । ପରେ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ , ଉପ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଡି ଏସ ପି ଜୟକୃଷ୍ଣ ବେହେରା ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧକ୍ଷ ଦିବାକର ବାହୁକ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ୟୁନିସେଫର ପରାମର୍ଶଦାତା ସନ୍ତୋଷ ବେହେରା, ଡ଼ିଆ ଇ ପି ଆର ଓ ହଲଧର ନିଆଲ , ସିଡିପିଓ ଗୀତା ମହାରଣା , ବିନୋଦିନୀ ପଟ୍ଟନାୟକ ,ସୁନିତା ଦେବୀ ତ୍ରିପାଠି,ସରୋଜିନୀ ରଥ, ଯମୁନା ଭତ୍ରା ,ଶଇରେନ୍ଦ୍ରି ମହାନନ୍ଦ ,ଦୀପ୍ତି ରାଣୀ ସିଂ , ସୁପର ଭାଇରଇଜର ସସ୍ମିତା ମହାନ୍ତି, ତ୍ରିଷ୍ଣା ବୈଦ୍ୟ ,ସଞ୍ଜୁକ୍ତା ବେହେରା ,ବିନୀତା ଜେଠି,ସୁଦର୍ଶନୀ ରଥ ମମତା ସଂଯୋଜକ ବିସୋଜିତି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବାଲ୍ୟବିବାହ ପ୍ରତିରୋଧ ମଞ୍ଚର ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାହାରିଲା ଚିଠା ...

ସେମାନଙ୍କ ଆପତ୍ତି ଅଭିଯୋଗ ୧୬ ତାରିଖ ସୁଦ୍ଧା ଜଣାଇବେ। ଜିଲ୍ଲାପାଳମାନେ ୨୧ ତାରିଖ ସୁଦ୍ଧା ଆପତ୍ତି, ଅଭିଯୋଗକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ୨୬ ତାରିଖରେ ଜିଲ୍ଲାପାଳମାନେ ସିଧାସଳଖ ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିସନ୍‌ଙ୍କୁ ଦେବେ। ଜିଲ୍ଲା ପରିଷଦ ସଦସ୍ୟ ପାଇଁ ପ୍ରକାଶ ପାଇଥିବା ଚିଠା ସଂରକ୍ଷଣ ତାଲିକା ଉପରେ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ୧୮ ତାରିଖ ସୁଦ୍ଧା ଜଣାଇପାରିବେ। ଜିଲ୍ଲାପାଳମାନେ ୨୨ ତାରିଖ ସୁଦ୍ଧା ଆପତ୍ତି, ଅଭିଯୋଗକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ଏହାପରେ ଏହି ତାଲିକାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବେ। ରାଜ୍ୟ ସରକାର ୨୯ ତାରିଖରେ ଏହାକୁ ଅନୁମୋଦନ ଦେବା ସହ ୩୦ ତାରିଖରେ ରାଜ୍ୟ ନିର୍ବାଚନ କମିସନ୍‌ଙ୍କୁ ଚୂଡ଼ାନ୍ତ ତାଲିକା ହସ୍ତାନ୍ତର କରିବେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବି ପାଇଁ ଆସନ୍ତା ୧୬ ତାରିଖରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ କରାଯିବ। ଏହା ଉପରେ ଲୋକଙ୍କ ଆପତ୍ତି ଅଭିଯୋଗ ଆସିଲା ପରେ ସରକାର ତାହାକୁ ବିଚାର କରି ୨୬ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ ଓ ୨୯ ତାରିଖରେ ତାହାକୁ ନିର୍ବାଚନ କମିସନ୍‌ଙ୍କୁ ପ୍ରଦାନ କରିବେ। ୩୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ କରାଯିବ। ରାଜ୍ୟ ନିର୍ବାଚନ କମିଶନ୍‌ଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ସଂରକ୍ଷଣ ତାଲିକା ଆସିଲା ପରେ ରାଜ୍ୟ ନିର୍ବାଚନ କମିଶନ୍ ଭୋଟର୍ ତାଲିକା ପ୍ରସ୍ତୁତି କାର୍ଯ୍ୟ କରିବେ। ଏଥି ପାଇଁ ଦେଢ଼ରୁ ଦୁଇ ମାସ ସମୟ ଲାଗିବ। ଭୋଟର୍ ତାଲିକା ପ୍ରସ୍ତୁତ ହେଲା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯିବ। ଜିଲ୍ଲା ସ୍ତରରେ ତାଲିକା ପ୍ରକାଶ ପାଇଲା ପରେ ସାରା ରାଜ୍ୟରେ ରାଜନୀତି ଚଳଚଞ୍ଚଳ ହୋଇଯାଇଛି। ଯଦି ଧାର୍ଯ୍ୟ ତାରିଖ ଅନୁଯାୟୀ ସବୁ କାର୍ଯ୍ୟ ଠିକ୍ ଭାବେ ଚାଲେ, ତେବେ ଡିସେମ୍ବର ଶେଷ ସପ୍ତାହ କିମ୍ବା ଜାନୁଆରି ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ। ପୂର୍ବ ଥର ପରି ଫେବ୍ରୁଆରି ଦ୍ୱିତୀୟ ସପ୍ତାହରୁ ପର୍ଯ୍ୟାୟକ୍ରମେ ନିର୍ବାଚନ ଆରମ୍ଭ ହେବାର ସମ୍ଭାବନା ରହିଛି। ତେବେ ପଞ୍ଚାୟତ ନିର୍ବାଚନକୁ ନେଇ ସାରା ରାଜ୍ୟରେ ରାଜନୈତିକ ପରିବେଶ ଖୁବ୍ ଚଳଚଞ୍ଚଳ ହୋଇପଡିଛି।

### ପୁଣି ଟାଟା ପାଖକୁ ...

କେନ୍ଦ୍ର ସରକାର ଭୁଲ ବୋଲି କହିବା ନିଲାମ ପ୍ରକ୍ରିୟାକୁ ଯାଞ୍ଚ କରାଯାଉଛି ଓ ଏଯାଏ ବିଡ୍ ବିଜେତାଙ୍କ ଉପରେ କୌଣସି ପ୍ରକାରର ନିଷ୍ପତ୍ତି ହୋଇନି। ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିବା ପାଇଁ ଟାଟା ଗ୍ରୁପ୍ ଓ ସ୍ପାଇସ ଜେଟ୍ ଦ୍ୱାରା ବିଡ୍ ଦାଖଲ କରାଯାଇଥିଲା। ଏୟାର ଇଣ୍ଡିଆରୁ ସରକାର ପୁଞ୍ଜି ପ୍ରତ୍ୟାହାର କରିବାକୁ ଚାହୁଁଥିବା ଡିସେମ୍ବର ୨୦୨୦ରେ ଘୋଷଣା କରିଥିଲେ। ଏହାପରେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେବଳ ଟାଟା ସନ୍ସ ଓ ସ୍ପାଇସ ଜେଟ୍ ହିଁ ଏୟାର ଇଣ୍ଡିଆକୁ ନେବାକୁ ଚାହିଁଥିଲେ। ଏବେ ଟାଟା ସନ୍ସ ହିଁ ଏୟାର ଇଣ୍ଡିଆର ପରିଚାଳନା ଦାୟିତ୍ୱ ସମ୍ପାଦନ କରିବ। ସୂଚନାଯୋଗ୍ୟ, ୧୯୩୨ ମସିହାରେ ଟାଟା ପକ୍ଷରୁ ଟାଟା ଏୟାରଲାଇନ ସ୍ଥାପନ କରାଯାଇଥିଲା। ଟାଟା ଗ୍ରୁପ୍ର ପୂର୍ବତନ ଅଧ୍ୟକ୍ଷ ଜେଆରଡି ଟାଟା ନିଜେ ଜଣେ ଦକ୍ଷ ପାଇଲଟ ଥିବା ବେଳେ ସେ ଏହାର ଆରମ୍ଭ କରିଥିଲେ। ୧୯୪୬ରେ ଏହାର ନାମ ବଦଳାଇ ଏୟାର ଇଣ୍ଡିଆ ରଖାଯାଇଥିଲା। ୧୯୫୩ ମସିହାରେ ଏୟାର ଇଣ୍ଡିଆର ମାଲିକାନା ସରକାରଙ୍କ ନିୟନ୍ତ୍ରଣକୁ ଚାଲି ଯାଇଥିଲା। ଏବେ ପ୍ରାୟ ୬୮ ବର୍ଷ ପରେ ଟାଟା ପୁଣି ଏୟାର ଇଣ୍ଡିଆର ମାଲିକାନା ହାସଲ କରିଛି। କେନ୍ଦ୍ର ସରକାର ଏୟାର ଇଣ୍ଡିଆକୁ ଘରୋଇକରଣ କରିବାକୁ ଦୀର୍ଘ ବର୍ଷ ହେବ ଚେଷ୍ଟା ଚଳାଇଥିଲେ। ୨୦୧୮ ମସିହାରେ କେନ୍ଦ୍ର ସରକାର ଏହି ସଂସ୍ଥାର ୭୬ ପ୍ରତିଶତ ବିକ୍ରି କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେତେବେଳେ ଏହାକୁ କିଣିବାକୁ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। ଏୟାର ଇଣ୍ଡିଆ ଏୟାର ଲାଇନ୍ସ ଉପରେ ୨୦୧୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୬୦,୦୭୪ କୋଟି ବାକି ପଡ଼ିଥିଲା। ନୂଆ କ୍ରେତାଙ୍କୁ ୨୩,୨୮୬.୫ କୋଟିର କରଜ ବୋଝ ମୁଣ୍ଡାଇବାକୁ ପଡ଼ିବ। ଅବଶିଷ୍ଟ କରଜକୁ ଏୟାର ଇଣ୍ଡିଆ ଆସେଟ ହୋଲଡିଂ ଲିମିଟେଡକୁ ଟ୍ରାନ୍ସଫର କରି ଦିଆଯିବ।

### ଜୁଲାଇରୁ ୧୧% ...

ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ଚାରି ଲକ୍ଷ ସରକାରୀ କର୍ମଚାରୀ ଓ ସାଢେ ତିନି ଲକ୍ଷ ପେନସନ୍ ଭୋଗୀ ଉପକୃତ ହେବେ।ମହଙ୍ଗା ଭତ୍ତା ସହ ରାଜ୍ୟ ସରକାର ଶୁକ୍ରବାର ଦିନ କର୍ମଚାରୀଙ୍କ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଗୋଷ୍ଠୀ ବୀମା ଯୋଜନା(ଜିଆଇଏସ୍) ଦେୟରେ ସଂଶୋଧନ କରିଛନ୍ତି। ପୂର୍ବରୁ ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କୁ ଜିଆଇଏସ୍ ବାବଦରେ ୭୫୦୦ ଟଙ୍କା ଦେବାକୁ ପଡୁଥିବା ବେଳେ ଏବେ ତାହା ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ୫୪୦୦ ଓ ତଦୁର୍ଦ୍ଧ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ଜିଆଇଏସ୍ ବାବଦ ଦେୟକୁ ୧୨ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। କର୍ମଚାରୀଙ୍କ ପାଇଁ ଜିଆଇଏସ୍ ଏକ ସାମାଜିକ ସୁରକ୍ଷା ଯୋଜନା। ଚାକିରିରେ ଥିବାବେଳେ ଯଦି ଜଣେ କର୍ମଚାରୀ ମୃତ୍ୟୁବରଣ କରନ୍ତି, ତେବେ ଏହି ଯୋଜନାରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଏବଂ ୫୪୦୦ ବା ତଦୁର୍ଦ୍ଧ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ମୃତ୍ୟୁରେ ଅଢ଼େଇ ଲକ୍ଷ ଟଙ୍କା ସହାୟତା ମିଳୁଥିଲା। ବର୍ତ୍ତମାନ ସଂଶୋଧିତ ନିଷ୍ପତ୍ତି ଅନୁଯାୟୀ ଏହି ଯୋଜନାରେ ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ୫୪୦୦ ବା ତଦୁର୍ଦ୍ଧ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ତେଷ୍ଟିକ୍ରିୟା ପାଇଁ ସହାୟତା ରାଶିର ପରିମାଣ ପୂର୍ବରୁ ୫ ହଜାର ଟଙ୍କା ଥିବା ବେଳେ ଏବେ ଏହାକୁ ଉଭୟ କ୍ଷେତ୍ରରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଜିଆଇଏସ୍ ଦେୟ ପୂର୍ବପରି ୧୦ଟି କିସ୍ତିରେ କର୍ମଚାରୀମାନଙ୍କ ଦରମାରୁ ନିଆଯିବ।

### ପ୍ରଧାନମନ୍ତ୍ରୀ ଆବାସ ...

ଅହୋରାତ୍ର ଧାରଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରିବାପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଯୋଗ୍ୟ ହିତାଧିକାରୀମାନଙ୍କୁ ସହାୟତା ଦେବା ପରିବର୍ତ୍ତେ ଘରବାରି ପଟା ନଥିବା, ଅବିବାହିତ ଭିନ୍ନକ୍ଷମ ବ୍ୟକ୍ତି ଏପରିକି ୨ବର୍ଷ ତଳୁ ବିବାହ କରିଥିବା ବ୍ୟକ୍ତି ଓ ଗାଁରେ ରହୁନଥିବା ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ସରକାରୀ କେଉଁ ନିର୍ଦ୍ଦେଶନାମା ବଳରେ ସେମାନଙ୍କୁ ଯୋଗ୍ୟ ତାଲିକା ଭୁକ୍ତ କରାଯାଇଛି ତାହାର ତଦନ୍ତ କରିବା ସହିତ ହାତଗୁଂଜା ନେଇ ତଦନ୍ତ କରିଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବିଜୁ ପକ୍କାଘର ଯୋଜନା ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକଭାବେ ଦୁର୍ନୀତି ହେଉଥିବାରୁ ଓ ଯୋଗ୍ୟ ବ୍ୟକ୍ତିମାନେ ବାଦ ପଡୁଥିବାକୁ ନେଇ ଉଚ୍ଚ ନ୍ୟାୟାଳରେ ଏକ ମାମଲା ରୁଜୁ କରାଯାଇଛି। ଯାହାର ଡବ୍ଲୁ.ପି.(ସି) ନମ୍ବର ୬୪୧୫/୨୦୨୦। ଉଚ୍ଚ ନ୍ୟାୟାଳୟର ବିଚାରପତି ଡଃ ବି.ଆର ସରଙ୍ଗୀ ମାମଲାର ଶୁଣାଣି କରି ଜିଲ୍ଲାପାଳଙ୍କୁ ୩ମାସ ମଧ୍ୟରେ ଏହାର ତଦନ୍ତ କରି ଜଣାଇବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ବି ଆଦେଶନାମାଟି ଆଜି ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଟେବୁଲ ତଳେ ପଡିରହିଛି। ଏ ସମ୍ପର୍କରେ ଆମ ପ୍ରତିନିଧୀ ଏହି ମାମଲା ଦାୟର କରିଥିବା ଉଚ୍ଚ ନ୍ୟାୟାଳୟର ଓକିଲ ଦୋଳଗୋବିନ୍ଦ ମହାପାତ୍ରଙ୍କୁ ପଚାରିବାରେ ସେ କହିଥିଲେ ଯେ, ଜିଲ୍ଲାପାଳ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ ଅବମାନନା କରିଥିବାରୁ ସେ ନେଇ ଏକ ଅପରାଧଜନିତ ମାମଲା ରୁଜୁ କରାଯିବ। ରଘୁନାଥପୁର ବ୍ଲକରେ ଏପରି ଦୁର୍ନୀତି ଘଟଣାକୁ ନେଇ ମାମଲା ରୁଜୁ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୁନଃ ଘୋଟଲାକୁ ନେଇ ବୁଦ୍ଧିଜୀବୀ ମହଲରେ ବି ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଏ ଘଟଣା ସବୁ ଜାଣି ଆମ ପ୍ରତିନିଧି ଭିନ୍ନକ୍ଷମ ବ୍ୟକ୍ତି ୨ଜଣଙ୍କ ଘରକୁ ଯାଇ ଦେଖିଥିଲେ ଯେ ଗୁଆଳିପୁର ଗ୍ରାମର ମନୋରଂଜନ ପଟ୍ଟନାୟକ ଓ ରାଧାନଗର ଗ୍ରାମର କ୍ଷମାଶୀଳ ପଟ୍ଟନାୟକ ଉଭୟ ବିବାହିତ ଓ ଆଜି ପର୍ଯ୍ୟନ୍ତ ଏକ କୋଠାଘର ଖଣ୍ଡେ ନପାଇ ଚାଳଘରେ ପରିବାରକୁ ନେଇ ରହୁଛନ୍ତି, ହେଲେ ଘର ଘର ବୁଲି ତଦନ୍ତ କରୁଥିବା ସରକାରୀ ବାବୁମାନେ କାହାଘର ଦେଖି କି ତଦନ୍ତ କରୁଛନ୍ତି ତା ନେଇ ପ୍ରଶ୍ନ ଉଠୁଛି। କେଉଁ କେଉଁ ଅଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତଦନ୍ତ କରିଥିଲେ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ନାୟକଙ୍କୁ ଆମ ପ୍ରତିନିଧି ପଚାରିବାକୁ ଯାଇଥିବା ବେଳେ ତାଙ୍କ କାର୍ଯ୍ୟାଳୟରେ ଦେଖିବାକୁ ପାଇନଥିଲେ, ଏପରିକି ଫୋନ କରିଥିଲେ ବି ତାଙ୍କ ସହିତ ଯୋଗାଯୋଗ ହୋଇପାରିନଥିଲା। ଏ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଗୁଆଳିପୁର ଗ୍ରାମ ପଂଚାୟତର ସରପଂଚ ଜାନକୀ ବଲ୍ଲଭ ସ୍ୱାଇଁଙ୍କୁ ପଚାରିବାରେ ସେ ରୋକଠୋକ କହିଥିଲେ ଯେ, ବାହାର ବ୍ଲକର କର୍ମଚାରୀମାନେ ୨ଥର ତଦନ୍ତ କରି ରିପୋର୍ଟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ଆମର କିଛି କହିବାର ନାହିଁ, ଯଦି ଯେଉଁମାନେ ଏହାର ପୁନଃ ତଦନ୍ତ ପାଇଁ ଦାବି କରୁଛନ୍ତି ସେମାନେ ଜିଲ୍ଲାପାଳଙ୍କୁ ଜଣାଇବାକୁ କହିଥିଲେ। ଏ ସମସ୍ତ ଘଟଣାକୁ ପରଖିଲା ପରେ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିରାଟକାୟ କେଲେଙ୍କାରୀ ହୋଇଛି। ଯେଉଁ ଅଯୋଗ୍ୟ ବ୍ୟକ୍ତିମାନଙ୍କ ଠାରୁ ଭଲ ଅଙ୍କର ମାଲ ଆଣଯାଇଛି ସେମାନଙ୍କୁ ଯୋଗ୍ୟ ଦର୍ଶାଇଥିବା ବେଳେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଯୋଗ୍ୟ ଭାବେ ଚିହ୍ନଟ କରିଛନ୍ତି। ଏ ସମସ୍ତ ଘଟଣାର ଏକ ନିରପେକ୍ଷ ତଦନ୍ତ କରିବାକୁ ଗୁଆଳିପୁର ଗ୍ରାମ ପଂଚାୟତର ବାସିନ୍ଦା ମାନଙ୍କ ପକ୍ଷରୁ ଦୂର ଦୃଷ୍ଟି ସମ୍ପନ୍ନ ତଥା ରାଜନୈତିକ ସମୀକ୍ଷକ ଜ୍ଞାନରଂଜନ ପଟ୍ଟନାୟକ, ସଂଜୟ କୁମାର ସ୍ୱାଇଁ, ପ୍ରଦିପ୍ତ କୁମାର ସ୍ୱାଇଁ, ଅତିଥି ପଟ୍ଟନାୟକ, ବିଜୟ କୁମାର ସ୍ୱାଇଁ, ସୁଦର୍ଶନ ସେଠୀ, ଅଦ୍ୱୈତ ପ୍ରସାଦ ସ୍ୱାଇଁ, ରାଧାପ୍ରସାଦ ନାୟକ ଓ ରାଧୁ ସେଠୀ ପ୍ରମୁଖ ଦାବି କରିଛନ୍ତି।

# ୧୮୯ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ବଣ୍ଟନ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତଳ କୁଟିଙ୍ଗା ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁଲଦିପଙ୍କ ଅଧକ୍ଷତାରେ ୧୮୯ ଜଣ ଛାତ୍ର ଛାତ୍ରୀଙ୍କୁ ଦୁଇ ହଳ ଲେଖା ସ୍କୁଲ ପୋସାକ ଓ ଗୋଟିଏ ହଳ ଲେଖା ଜୋତା, ଦୁଇ ହଳ ଲେଖା ସକ୍ସ ବଣ୍ଟନ କରାଜାଇଛି । ବଣ୍ଟନ ସମୟରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରି କୈଳାଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରି ଦୈତାରି ପ୍ରସାଦ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିପାଇ ମିଣିଆକା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବଣ୍ଟନ କରିଥିଲେ। କରୋନା କଟକଣା ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ପୋସାକ ପାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଶିକ୍ଷକ ଦୟା ନିଧି ଗରଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ପୁର୍ଣ ଚନ୍ଦ୍ର ମୁସ୍କା,ଲକ୍ଷ୍ମୀପ୍ରିୟା ସାହୁ,ରୁପାଶ୍ରୀ ବାଘ ଓ ରୋଜାଲିନ ଖସଲା ପ୍ରଭୃତି ଉପସ୍ଥିତ ରହି ସହଯୋଗ କରିଥିଲେ।

# ନବରାତ୍ରୀ ମହାତ୍ମ୍ୟ, ଅଷ୍ଟମାତୃକା ପୂଜା ଓ ନବରାତ୍ରୀ ଉପବାସ



ଡଃ.ଅରୁନ୍ଧତୀ ଦେବୀ



ରାବଣଙ୍କୁ ଜିଣିବା ପାଇଁ ସ୍ୱୟଂ ଭଗବାନ ଶ୍ରୀରାମ ନାରଦ ମୁନିଙ୍କ ପରାମର୍ଶରେ ନବରାତ୍ରି ଅନୁଷ୍ଠାନ କରିଥିଲେ । ଅଷ୍ଟମୀ ମଧ୍ୟରାତ୍ରିରେ ଭଗବତୀ ତାଙ୍କୁ ସାକ୍ଷାତ ଦର୍ଶନ ଦେଲେ, କହିଲେ : ନରୋତ୍ତମ ଦେବତାଙ୍କ ଅଂଶରୁ ଉତ୍ପନ୍ନ ଏହି ବାନର ମୋର ଶକ୍ତି ଅଂଶରେ ସଂପନ୍ନ ହୋଇ ଆପଣଙ୍କ ସହାୟତା କରିବେ । ଏଥି ସଂପର୍କିତ ଆଉ ଏକ ରୋଚକ ବର୍ଣ୍ଣନା ରହିଛି । ଭଗବତୀଙ୍କୁ ଶହେ ପଦ୍ମ ଫୁଲରେ ଅର୍ଚ୍ଚନା କରିବା ପାଇଁ ଶ୍ରୀରାମ ମନସ୍ଥ କଲେ । ହନୁମାନ ପଦ୍ମ ଫୁଲ ମିଳୁ ନଥିବା ଶରତ ମାସରେ ମଧ୍ୟ ଯେଣ ତେଣ କରି ଶହେ ପଦ୍ମଫୁଲ ଆଣିଥିଲେ । କିନ୍ତୁ ଶେଷ ମୁହୂର୍ତ୍ତରେ ଦେବୀ ମାୟା କରି ଗୋଟିଏ ପଦ୍ମଫୁଲ ଲୁଚାଇନେଲେ । ପୂଜା ଶେଷ ବେଳକୁ ଶ୍ରୀରାମ ଦେଖନ୍ତି ଗୋଟିଏ ପଦ୍ମ ଫୁଲ ଊଣା ପଡୁଛି । ଶ୍ରୀରାମ ଚିନ୍ତା କରନ୍ତି ମୋତେ ସାରା ଜଗତ କମଳ ଲୋଚନ କହେ, ଏଣୁ ଦେବୀଙ୍କୁ ମୋର ଚକ୍ଷୁ ଅର୍ପଣ କରିବା ଯାହା ପଦ୍ମ ଫୁଲ ଅର୍ପଣ କରିବା ତାହା । ଏହାପରେ ସେ ଧନୁତୀର ଦ୍ୱାର ନିଜ ଚକ୍ଷୁକୁ ବାହାର କରିବାକୁ ଯାଉଥିବା ବେଳେ ଭଗବତୀ ଉଭା ହୁଅନ୍ତି ଓ ଶ୍ରୀରାମଙ୍କୁ ବର ଦିଅନ୍ତି ।

ସେହିପରି ବରାହ ପୁରାଣ ସପ୍ତବିଂଶ ଅଧ୍ୟାୟରେ ଉଲ୍ଲେଖ ଅଛି : ଶିବ ଅନ୍ଧକାସୁରକୁ ତ୍ରିଶୂଳରେ ପ୍ରହାର କରିବା ଦ୍ୱାରା ତାହାର ରକ୍ତ ଭୂମିରେ ପଡ଼ି ଅନ୍ଧକ ପରି ଶକ୍ତିଶାଳୀ ଅସଂଖ୍ୟ ଅସୁର ଜନ୍ମନେଲେ । ତେଣୁ ତାହାର ରକ୍ତ ଭୂମିରେ ପଡ଼ିବା ଆଗରୁ ତାହାକୁ ଶୋଷିବା ପାଇଁ ଅଷ୍ଟଦେବତା ସ୍ୱଦେହରୁ ଅଷ୍ଟମାତୃକା ଜାତ କଲେ । ମଣିଷଙ୍କ ଅଷ୍ଟ ରିପୁ ଅଷ୍ଟମାତୃକାରେ ପରିଣତ ହେବା କଥା ମଧ୍ୟ ଏହି ପୁରାଣରେ ଲେଖାଯାଇଛି । ସେମାନେ ହେଲେ କାମ : ଯୋଗେଶ୍ୱରୀ, ବା ମାହେଶ୍ୱରୀ, କ୍ରୋଧ : ରୁଦ୍ରାଣୀ, ମଦ : ବ୍ରାହ୍ମଣୀ, ମତ୍ସର୍ଯ୍ୟ : ଇନ୍ଦ୍ରାଣୀ, ଅସୂୟା : ବାରହୀ ଏବଂ ଶୁନ୍ୟ : ଚାମୁଣ୍ଡା । ଏହି ରିପୁମାନେ ଏତେ ଶକ୍ତିଶାଳୀ ଯେ ଏମାନଙ୍କୁ ଦମନ କରିବା ଅସମ୍ଭବ । ଏମାନଙ୍କୁ ଭକ୍ତିଯୋଗରେ ବଶୀଭୂତ କରିବାକୁ ମାତୃକା ପୂଜା ଆରମ୍ଭ ହେଲା । ଶାରଦୀୟ ମହାଉତ୍ସବରେ ଓଡ଼ିଶାରେ ଅଷ୍ଟମାତୃକା ପୂଜନ କରାଯାଏ ।

ନବରାତ୍ରୀ ଅର୍ଥାତ୍ ନଅ ଦିନ ପର୍ଯ୍ୟନ୍ତ କରାଯାଉଥିବା ଏକ ନିଷ୍ଠା ପୂର୍ଣ୍ଣ ବ୍ରତ ଉପବାସ । ନବରାତ୍ରୀ ଦୁଇ ପ୍ରକାର ରଖା ଯାଇପାରେ । କିଛି ଶ୍ରଦ୍ଧାଳୁ ନଅ ଦିନ ବ୍ରତ ରଖି ଦେବୀ ଦୁର୍ଗାଙ୍କ



ଆରାଧନା କରୁଥିବା ବେଳେ କିଛି ଭକ୍ତ କେବଳ ନବରାତ୍ରୀର ପ୍ରଥମ ଓ ଅନ୍ତିମ ଦିବସରେ ବ୍ରତ ରଖିଥାନ୍ତି । କେବଳ ଧାର୍ମୀକ ଦୃଷ୍ଟିକୋଣରୁ ନୁହେଁ ବୈଜ୍ଞାନିକ ଏବଂ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ମଧ୍ୟ ବ୍ରତର ମାହାତ୍ମ୍ୟ ରହିଛି । କିନ୍ତୁ ଶରୀରକୁ କଷ୍ଟ ଦେଇ ବ୍ରତ ଉପବାସ ରଖିବା ପାଇଁ କୌଣସି ଭଗବାନ କହି ନାହାଁନ୍ତି । ମନର ଭକ୍ତିରୁ ବ୍ରତ ଓ ଉପବାସ କରାଯାଏ । ତେଣୁ ବ୍ରତ ସମୟରେ ଶରୀରକୁ ସୁସ୍ଥ ରଖିବା ନିହାତି ଅପରିହାର୍ଯ୍ୟ । ସେଥିପାଇଁ ନିଜ ଶରୀର ଉପରେ ଦୃଷ୍ଟି ଦିଅନ୍ତୁ । ବ୍ରତ ସମୟରେ ସକାଳେ ଓ ସନ୍ଧ୍ୟାରେ ପ୍ରାଣାୟମ କରନ୍ତୁ । ଅଧିକ କଥାବାର୍ତ୍ତା କରିବାରୁ ନିବୃତ ରୁହନ୍ତୁ । ଭୋକ ନିୟନ୍ତ୍ରଣ ରଖିବା ପାଇଁ ଲେମ୍ବୁ ଚିନି ପାଣି ପିଅନ୍ତୁ । ଯଦି ଆପଣଙ୍କୁ ରକ୍ତହୀନତା ବା ଆପଣ ଗର୍ଭବତୀ ଅଛନ୍ତି ତେବେ ନିର୍ଜଳା ଉପବାସ କରନ୍ତୁ ନାହିଁ । ଏହା ଦ୍ୱାରା ଶରୀରରେ ଜଳୀୟ ଅଂଶ କମିଯାଇ ଶରୀରରେ ଥିବା ବର୍ଜ୍ୟବସ୍ତୁ ନିର୍ଗତ ହେବାରେ ବାଧା ଉପୁଜେ । ଫଳରେ ପେଟ ପୋଡ଼ା, ଇନ୍‌ଫେକ୍‌ସନ୍, ପରିସ୍ରାପୋଡ଼ା ଭଳି ଅନେକ ସମସ୍ୟା ଦେଖାଯାଏ । ମନେରଖନ୍ତୁ ଉପବାସ ରହିବା ସମୟରେ ଚାହା, କଫି ଅଧିକ ସେବନରୁ ଯଥା ସମ୍ଭବ ନିବୃତ ରୁହନ୍ତୁ । ଏକାଥରେ ପେଟ ଫୁଲ କରି ସାଧା ପାଣି ପିଇବା ବଦଳରେ ଦିନରେ ମଝିରେ ମଝିରେ ଲେମ୍ବୁ ପାଣି ପିଅନ୍ତୁ । ସାଧାରଣତଃ ବ୍ରତରେ ଅନ୍ନ ଖିଆଯାଏ ନାହିଁ । ଫଳତଃ ଶରୀରରେ ଉର୍ଜ୍ଜାର ମାତ୍ରା ହ୍ରାସ ଘଟି ଦୁର୍ବଳ ଅନୁଭୂତ ହୁଏ । ତେଣୁ ଭରପୁର ଫଳ ଆହାର କରନ୍ତୁ । ଏହାଦ୍ୱାରା ଶରୀରକୁ ସଠିକ ଉର୍ଜ୍ଜା ମିଳିଥାଏ । ସକାଳୁ ଆଳୁକୁ ଦେଶୀ ଘିଅରେ ଭାଜି ଖାଇଲେ ଭଲ । ଏଥିରେ ଥିବା ପ୍ରଚୁର ପରିମାଣ ହାଇଡ୍ରେଡ଼ ଶରୀରକୁ ଶକ୍ତି ଦେଇଥାଏ । ଆଳୁ ସେବନକୁ ଯଦି ବାରଣ କରନ୍ତି ତେବେ ସକାଳ ପୂଜା ସାରି ଗୋଟିଏ ଗ୍ଲାସ କ୍ଷୀର ପିଅନ୍ତୁ । ଦ୍ୱି ପ୍ରହରରେ ଫଳ ରସ ଗ୍ରହଣ କରନ୍ତୁ । ରାତ୍ରୀରେ ମଇଦା ତିଆରି ରୁଟି ବା ପୁରୀ ଖାଆନ୍ତୁ । ମାତ୍ର ଅଧିକ ତୈଳାକ୍ତ ପଦାର୍ଥ ଆହାର ସେବନ କରନ୍ତୁ ନାହିଁ । ତେବେ ପୂର୍ବବର୍ଷ ପରି ଚଳିତବର୍ଷ ନବରାତ୍ର ମଧ୍ୟ ସରକାରଙ୍କ କୋଭିଡ଼ ସ୍ୱାସ୍ଥ୍ୟ ସତର୍କତା ନୀତି ଅନୁଯାୟୀ ପାଳନ ହେଉଛି । ପୂଜା ମଣ୍ଡପରେ କେବଳ ସୀମିତ ଆୟୋଜନରେ କାର୍ଯ୍ୟକ୍ରମ ସହ ସାଧାରଣ ଦର୍ଶନ ଓ ଗହଳି ଉପରେ ରୋକ ଲଗାଯାଇଛି । ତେବେ କରୋନା ସମୟରେ ସ୍ୱାଭାବିକ ଭାବେ ରୋଗ ପ୍ରତିରୋଧକ ଶକ୍ତି ସମ୍ବନ୍ଧରେ ଲୋକମାନେ ଭଲ ଭାବେ ଅବଗତ



ହୋଇସାରିଛନ୍ତି ଏବଂ ସେମାନେ ନିଜକୁ ସେହିପରି ପ୍ରସ୍ତୁତ କରିସାରିଲେଣି । ସର୍ବପ୍ରଥମେ ମନେରଖନ୍ତୁ ଗହଳି ଠାରୁ ଦୂରେଇ ରୁହନ୍ତୁ, ପାର୍ବଣ ନାମରେ ବନ୍ଧୁବର୍ଗଙ୍କ ଭିତରେ ସାମିଲ ହେବା ପୂର୍ବରୁ ଥରେ ଭଲ ଭାବେ ଚିନ୍ତା କରନ୍ତୁ, ସୁଷମ ଖାଦ୍ୟ ଖାଆନ୍ତୁ, ପରିଷ୍କାର ପାଣି ପିଅନ୍ତୁ, ମୁହଁରେ ମାକ୍ସ ସହିତ ବାରମ୍ବାର ହାତକୁ ବିଶୋଧିତ ସାବୁନ ଦ୍ୱାରା ପରିଷ୍କାର କରନ୍ତୁ । କୌଣସି ପରିସ୍ଥିତିରେ ବି ବାହାରର କଥାକଥିତ ଫାଷ୍ଟଫୁଡ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ । ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ଦଶହରା ଆଶୀର୍ବାଦ ଆମ ସମସ୍ତଙ୍କ ପାଇଁ ଧ୍ୟେୟ ହୋଇ ପ୍ରଦୀପର ଶିଖା ଆମ୍ଭମାନଙ୍କ ଜୀବନକୁ ପୁଷ୍ପିତ କରୁ ଓ ସମଗ୍ର ବିଶ୍ୱବାସୀ କରୋନା କବଳରୁ ତୁରନ୍ତ ମୁକ୍ତି ପାଇବା ପାଇଁ ତାଙ୍କରି ଆଶୀର୍ବାଦ କାମନା କରୁଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*



# ଜାତୀୟ କନ୍ୟାରତ୍ନ ଦିବସ ପାଳନର ତାତ୍ପର୍ଯ୍ୟ



ସିତାଂଶୁ ଶେଖର ମିଶ୍ର

କନ୍ୟାଟିଏ ହିଁ ଘରକୁ ଦେବାଳୟରେ ପରିଣତ କରିଥାଏ ।

'ଝିଅହେଉଛି ଅତୀତର ମଧୁମୟସ୍ମୃତି
ଝିଅହେଉଛି ବର୍ତ୍ତମାନର ସୁଖରସାଗର
ଝିଅହେଉଛି ଭବିଷ୍ୟତର ଆଶାରକିରଣ'।

ସେପ୍ଟେମ୍ବର ମାସ ଶେଷ ରବିବାର କୁ ଭାରତରେ ଜାତୀୟ କନ୍ୟାରତ୍ନ ଦିବସ ବା ଝିଅ ପାଇଁ ଦିନଟିଏ ଭାବରେ ପାଳନ କରାଯିବାର ଦେଖାଯାଏ। ଏହାକୁ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ମାନେ ମଧ୍ୟ ଅନ୍ୟାନ୍ୟ ଦିନ ଗୁଡିକରେ ପାଳନ କରିଥାନ୍ତି। ହେଲେ ଅକ୍ଟୋବର ମାସର ୨ ତାରିଖ କୁ ମଧ୍ୟ ଆନ୍ତର୍ଜାତିକ କନ୍ୟାରତ୍ନ ଦିବସ ବା ଝିଅ ପାଇଁ




ଦିନଟିଏ ଭାବରେ ପାଳନ କରାଯାଇଥାଏ।

ଏହିଦିନ ପାଳନ କରିବାର ଉଦ୍ଦେଶ୍ୟ ହେଲା ଝିଅ ମାନଙ୍କ ପ୍ରତି ଆମ ସମାଜରେ ଦେଖାଦେଇଥିବା ବାଛ ବିଚାର କୁ ଦୁରୀଭୂତ କରିବା। ପୁଅ ଆଉ ଝିଅ ଭିତରେ କୋଣସି ପାର୍ଥକ୍ୟ ଆଣିବା ବା ରଖିବା ଉଚିତ୍ ନୁହେଁ। ଝିଅ ଟିଏ ମଧ୍ୟ ପୁଅ ଭଳିଆ ସବୁ କାର୍ଯ୍ୟ କରିପାରିବ।

ସେଥିପାଇଁ ବିଶ୍ୱ ସମୁଦାୟ ଙ୍କ ଠାରୁ ଆରମ୍ଭକରି ସବୁ ରାଷ୍ଟ୍ରସରକାର ମାନେ ଝିଅମାନଙ୍କ ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଜଣାଯାଏ।

ଆଜି ଆମେ ସଭ୍ୟତାର ଶିଖରକୁ ଛୁଇଁବାର ସ୍ୱପ୍ନ ଦେଖୁଛେ।ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କୁ ଦୁରାଇ ରହୁଛେ , କେତେକାଂଶରେ ଏହାକୁ ଅନ୍ଧ ବିଶ୍ୱାସ କହୁଛେ।ଆଜିର ବିଜ୍ଞାନ ଯୁଗରେ ଆମେ ପାଦଥାପିଛେ । କଥା କହିଲା ବେଳେକହୁଛେ କିନ୍ତୁ ସଂକୀର୍ଣ୍ଣମାନସିକତାରୁ ଉଭରି ପାରୁନାହିଁ।

ଆଜି ମଧ୍ୟ ପୁଅଟିଏପାଇଁ ଗୁଡାଉଛେ। ଏହା ନ ହେଲେ ବଂଶରକ୍ଷା କରାଯାଇପାରିବନାହିଁ।ଏହା କଣ ଅନ୍ଧ ବିଶ୍ୱାସ ନୁହେଁ ତ ଆଉ କଣ ? ? ଏହାକୁ ନେଇ 'ଭ୍ରୁଣ ହତ୍ୟା' କରି ଚାଲିଛେ। ଯୌତୁକ ଭଳି ଏକ କୁ ସଂସ୍କାର ସମାଜ କୁ ଗ୍ରାସ କରିଚାଲିଛି।ଏହି ସମସ୍ତ ବିଷୟରେ ସଚେତନତା ସୃଷ୍ଟି ଅଭିଯାନ ହିଁ ଏହି ଦିନକୁ ପାଳନ କରିବା ପାଇଁ ଆଜି ସାରା ରାଷ୍ଟ୍ର ଓ ବିଶ୍ୱ ସମୁଦାୟ ଏହିଭଳିଆ ଅଭିନବ ପ୍ରୟାସ ଆରମ୍ଭକରିଛନ୍ତି।

ଆମ ଦେଶରେ ଝିଅ ମାନଙ୍କ ସକାଶେ



ସେଥିପାଇଁ ଗୁଡାଏ ସ୍ୱତନ୍ତ୍ର ଯୋଜନା ମାନ ରହିଛି।ଆମ ଝିଅ / ନାରୀ ମାନେ ରାଷ୍ଟ୍ର ଗଠନ ସକାଶେ ରହିଥିବା ସମସ୍ତ ସ୍ଥାନରେ ତାଙ୍କର ସ୍ଥାନ ଏବେ ପକ୍କା କରି ସାରିଛନ୍ତି ଏବଂ ନିଜରଶ୍ରେଷ୍ଠ ଦକ୍ଷତା ସାବ୍ୟସ୍ତକରିପାରିଥିବା ମଧ୍ୟଜଣାଯାଏ।

ଆଜି ମଧ୍ୟ ଭାରତର ଅନେକ ପ୍ରାନ୍ତ ରହିଛି ଯୋଉ ଠାରେ ପ୍ରଥମ ସନ୍ତାନ ଝିଅ ଟିଏ ହେଲେ ଖୁସି ବନାଇଥାନ୍ତି। ଘରକୁ ମାତା ଲକ୍ଷ୍ମୀ ଆସିଲେ ବୋଲି ଜନ ବିଶ୍ୱାସ ରହିଛି। ସେଥିପାଇଁ ଖୁବ ଧୁମ୍ ଧାମ୍ ରେ ଉତ୍ସବ ପାଳନ କରାଯିବାର ଦେଖିବାକୁ ମିଳିଥାଏ।

ଆମ ରାଜ୍ୟର ପଶ୍ଚିମାଞ୍ଚଳର ଜିଲ୍ଲା ଗୁଡ଼ିକରେ ମଧ୍ୟ ପ୍ରଥମେ ଝିଅ ହେଲେ ପରିବାରର ଶୁଖ ସମୃଦ୍ଧି ବୃଦ୍ଧି ହୋଇ ଥାଏ ବୋଲି ବିଶ୍ୱାସ ରହିଛି।

ସୁତରାଂ ଏବେ ସମସ୍ତେ ସଂକଳ୍ପନେବାର ସମୟଆସିଯାଇଛି , 'ମୋ ଝିଅ ମୋ ସ୍ୱର୍ଗ'। ଆମକୁ ଝିଅ ଦରକାର।ମୋ ପାଇଁ 'ପୁଅ ଆଉ ଝିଅ' ମଧ୍ୟରେ କୋଣସି ପାର୍ଥକ୍ୟ ରଖିବି ନାହିଁ।

ଏହି କଥାବସ୍ତୁକୁ ଠିକ୍ ଭାବରେ ପୂର୍ବରୁ ଏକ ଉଦ୍ୟୋଗପତି ବୁଝିପାରିଥିଲେ ତାହାକୁ ନେଇ ଏକ ସୁନ୍ଦର କଥା ରହିଛି:

ଆଜିର ସମାଜରେ ଦେଖାଯାଉଛି ସମସ୍ତେ ଖାଲି ପୁଅ ପଛରେ ଗୋଡାଉଛନ୍ତି କନ୍ୟା (ଝିଅ)ଟିଏ ମଧ୍ୟ ଯେ ପୁଅଠାରୁ କୋଣସି ଗୁଣରେ ଆଉ କାର୍ଯ୍ୟରେ କମ ହୋଇ ରହିନାହାନ୍ତି ଏହା ବୁଝିବାକୁ ହେବ।ପୁଅ ବାହା ହୋଇ ସାରିବା ପରେ ପରେ ସମସ୍ତେ ନାତି ଗୋଟାଏ ହେବାକୁ ଚାହିଁଥାଆନ୍ତି କିନ୍ତୁ ସେହିମାନେ ବୁଝି ପାରନ୍ତି ନାହିଁ ଯେ ଯଦି ଏହି ସମାଜକୁ ବଞ୍ଚାଇ ରଖିବାକୁ ହେଲେ ପୁଅ ଆଉ ଝିଅ ଦୁଇ ଜଣଙ୍କ ଆବଶ୍ୟକତା ରହିଛି ନଚେତ ସୃଷ୍ଟି କରିବା ଅସମ୍ଭବ ଅଟେ। ଏକ ସମୟର କଥା ଗୋଟାଏ ପରିବାର ବହୁ ହସ ଖୁସିରେ ତାଙ୍କ ଦିନ କଟୁଥିଲା।ତାଙ୍କର ଏକ ଛୋଟ ଉଦ୍ୟୋଗ ରହିଥିଲା ଯୋଉ ଥିରେ ସହ ସହ କର୍ମଚାରୀ କାର୍ଯ୍ୟ କରୁଥିଲେ।ସେ ବହୁ ସ୍ନେହି ତଥା ଉଦାର ସ୍ୱଭାବ ର ଜଣେ ବ୍ୟକ୍ତିତ୍ୱ ଥିଲେ।ତାଙ୍କ ଉଦ୍ୟୋଗ ରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଏକ ସୁନ୍ଦର ନୀତି ଆପଣେଇଥିଲେ ଯାହା ଥିଲା ,ନାରୀ ଶ୍ରମିକଙ୍କ ପାଇଁ ୮ ଘଣ୍ଟା କାର୍ଯ୍ୟ ବଦଳରେ ୬ ଘଣ୍ଟା କାର୍ଯ୍ୟ ଧାର୍ଯ୍ୟ କରିଥିଲେ କିନ୍ତୁ ପାରିଶ୍ରମିକରେ କମ ଦେଉନଥିଲେ।କାରଣ ଗୋଟାଏ ନାରୀ ପାଇଁ ତା ଘର ଓ ପରିବାରର କଥା ବୁଝିବାକୁ ପଡିଥାଏ, ତାକୁ ସେ ଭଲଭାବରେ ବୁଝିଥିଲେ। ତାଙ୍କ ପରିବାର କହିଲେ ସ୍ତ୍ରୀ ଓ ଏକ ପୁଅ।ପୁଅ ବଡ଼ ହୋଇଯାଇଥାଏ ଇତିମଧ୍ୟରେ ମା ପୁଅ ପାଇଁ ବୋହୁ ଯୋଗାଡ଼ କରିବାରେ ବ୍ୟସ୍ତ ।ଏତିକି ସମୟରେ ପରିବାର ଉପରେ ହଠାତ ଚଡକ ମାଡ଼ିଆସିଲା ଓ ଏକ ସଡକ ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ ଙ୍କ ଦେହାନ୍ତ ହୋଇଗଲା। ଏଥିରେ ସେ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଲେ ଓ କାର୍ଯ୍ୟ କରିବାକୁ ଭଲ ଲାଗୁ ନଥାଏ।ଏହିସମୟରେ କାରଖାନାରେ ଯଦିଓ କିଛି ଅସୁବିଧା ହୋଉନଥିଲା ତଥାପି ମଧ୍ୟ ଆସ୍ତେ ଆସ୍ତେ କର୍ମଚାରୀ ଙ୍କ ମଧ୍ୟରେ ମାଲିକ ଙ୍କ ଏହି ଅବସ୍ଥା ପାଇଁ ଦିନେ ସମସ୍ତେ ବିଚାର କରି ତାଙ୍କୁ ଭେଟିବା ପାଇଁ ଚାହିଁଲେ।ତାହାହିଁ ହେଲା କର୍ମଚାରୀ ଙ୍କ ଏତିକି ସ୍ନେହଦେଖି ତାଙ୍କ ମନରେ ପୁଣି ପରିବର୍ତ୍ତନ ଆସି ସମସ୍ତ କାର୍ଯ୍ୟ ବୁଝିବା ଆରମ୍ଭ କଲେ।ଏହାଭିତରେ ଗୋଟାଏ ବର୍ଷ ଗଡିଯାଇଥାଏ ଓ ପୁଅର ବିବାହପାଇଁ ପୁଣି ଉଦ୍ୟମ କରିବା ପାଇଁ ମନ ସ୍ଥିର କଲେ।ଏମିତିକା ସମୟରେ ଖବର ମିଳିଲା ତାଙ୍କ ପାଖରେ କାର୍ଯ୍ୟ କରୁଥିବା ଜୈନିକ ମହିଳା କର୍ମଚାରୀଙ୍କ ଏକ ସୁନ୍ଦର ଓ ଶାନ୍ତ ସିଷ୍ଟ ଝିଅ ଅଛି।ମହିଳା କର୍ମଚାରୀ ବହୁତ ଭଲ ଭାବରେ ତାଙ୍କ କାର୍ଯ୍ୟ କରୁଥିଲେ ଓ ବହୁତ ଧୀରସ୍ଥିର ଥିଲେ ।ତେଣୁ ଆଉ ଡେରି ନକରି ତାଙ୍କ ଝିଅ ସହିତ ବିବାହ ପ୍ରସ୍ତାବ ଆଗତ କଲେ,କିନ୍ତୁ ଏଥିପାଇଁ ଏକ ବାଧକ ଥିଲା ଏତେ ବଡ଼ ଘର ପୁଣି ମୁଁ ତାଙ୍କ ପାଖରେ ଗୋଟାଏ ନିମିତ୍ତ କର୍ମଚାରୀ ଏହା କହି ସେ ଏହିଭଳିଆ ମନ କଥା ଭାବି ଭାବି କଣ କରାଯିବ ଭାବିଲା ବେଳେ ନିଜେ ମାଲିକ ତାଙ୍କ ପୁଅ ସହିତ ଝିଅ ଘରେ ପହଞ୍ଚି ଆସନ୍ତା ସପ୍ତାହରେ ବାହା ଘର କରିବା ମୁଁ ସ୍ଥିର କରିଛି ଆଉ ଏଥିରେ କଣ ଅସୁବିଧା କି ପଚାରିବାରୁ ଝିଅ ଘର ସମସ୍ତେ ଟିକିଏ



ହଡ଼ବଡାଇବା ଭଳି ଲାଗିଲା, ସେଥିପାଇଁ କିଛି ସମୟ ଦରକାର କହିବାରୁ କିଛିମୁଁ ଶୁଣିବି ନାହିଁ ଆପଣ ମାନଙ୍କୁ ଅନୁରୋଧ କରୁଛି ଏହା ହୋଇ ପାରିଲେ ମୋ ମନରେ ତଥା ତା ମା ଯୋଉଠି ବି ଅଛି ନିଶ୍ଚୟ ଖୁସିପାଇବ।ତାହାହିଁ ହେଲା ବହୁହସଖୁସିରେ ତଥା ଆଡ଼ମ୍ବର ସହିତ ବିବାହ ସମ୍ପନ୍ନ ହୋଇଥିଲା।ଏହି ଅବସରରେ ତାଙ୍କ ପାଖରେ କାର୍ଯ୍ୟ ରତ ସମସ୍ତ କର୍ମଚାରୀଙ୍କୁ ଏକ ଏକ କୋଠା ଘର ଉପହାର ଦେଇଥିଲେ। ବାହାଘର ସରିଗଲା ଏମିତି କିଛିଦିନ ଭିତରେ କାରଖାନାର ଢେର ଉନ୍ନତି ହେବାର ଲାଗିଲା ।କର୍ମଚାରୀ ମାନେ ମଧ୍ୟ ଖୁସିରେ ରହି କାରଖାନାର ବହୁତ ଭଲ ଭାବରେ କାମ କରୁଥିଲେ।ଏବଂ ବର୍ଷ କେଇଟା ଭିତରେ ଦେଶର ଏକ ନମ୍ବର କାରଖାନା ହେବାର ଗୌରବ ଲାଭ କରିପାରିଥିଲା। ପରିବାରରେ ମଧ୍ୟ ଆଗ ପରି ହସ ଖୁସି ପୁଣି ଫେରିଆସିଲା ।ସେ ଏହାକୁ ଦେଖି ବୋହୂକୁ କହିଲେ ତୁ ମୋର ବୋହୂ ନୁହଁ ତୁ ମୋର ଝିଅ, ତୁ ଆସି ପୁଣି ଫେରାଇଦେଲୁ ଆମ ସେହି ଆନନ୍ଦ ,ଆଜି ତୋ ଶାଶୁ ମା ଥିଲେ କେତେ ଖୁସି ହୋଉଥାନ୍ତେ।ଏମିତି ସମୟରେ ତାଙ୍କ ଘରୋଇ ଡାକ୍ତର ଆସି କହିଲେ ଆପଣ ଅଜା ହେବା ପାଇଁ ଯାଉଛନ୍ତି,ସେ ଖୁସିରେ ଆତ୍ମବିଭୋର ହୋଇଉଠିଲେ ଓ ଝିଅ ଟିଏ ହେଉ ବୋଲି ଖୁସିରେ କହି ପକାଇଲେ।ତାହାହିଁ ହେଲା ଓ ତାର ନାମ ରଖିଥିଲେ ବିଜୟିନୀ।ଏହା ଦେଖି ସମସ୍ତେ କହୁଥିଲେ ଆମ ମାଲିକଙ୍କ ଘର ଏକ ଦେବାଳୟ।

**ସୋନପୁର**
**ଦୂରଭାଷ : ୮୧୪୪୮୭୦୭୨୯**







# KRISHNAMURTY WORLD SCHOOL®

Day Boarding Cum Residential School (Co. Ed.)

Affiliated upto Senior Secondary Level : CBSE Affiliation No. 1530270

**1 RANKED**
CO-ED DAY SCHOOL IN CUTTACK
BY EDUCATION WORLD
INDIAN SCHOOL RANKING 2017-18

*Admission Open for*
*Xi (+2) Science & Commerce*

*Hostel Facility for Boys & Girls*






## ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ଆମର ପ୍ରୟାସ

- ବିଶ୍ୱବନ୍ଦିତ ଜଗତଗୁରୁ ପୂର୍ଣ୍ଣ ଲୀଳାବତାର ଶ୍ରୀମଦ ଭାଗବତ ଗୀତା ଜ୍ଞାନ ପ୍ରବକ୍ତା ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶରେ ଉଦ୍‌ବୁଦ୍ଧ କରାଇ ଭବିଷ୍ୟତ ଭାରତର ସୁନାଗରିକ ମାନଙ୍କର ଶିକ୍ଷାଦାନକୁ ଏକ ବ୍ରତ ରୂପେ ଗ୍ରହଣ କରିବା।
- ଆଜିର ଶିଶୁ ଆଗାମୀ ପିଢୀର ଯୁବଶକ୍ତି ଓ ଭବିଷ୍ୟତ ନାଗରିକ। ଏହି ବାସ୍ତବତାକୁ ଦୃଷ୍ଟି ରଖି ଏକ ପରିପୂର୍ଣ୍ଣ ମନୁଷ୍ୟର ସମ୍ପୂର୍ଣ୍ଣ ଇସ୍ତାହାର ଭଗବାନ ଶ୍ରୀକୃଷ୍ଣଙ୍କର ଜୀବନର ସମସ୍ତ ଲୀଳାର ସମସ୍ତ ଶିକ୍ଷଣୀୟ ଆଦର୍ଶକୁ ଶିଶୁମାନସରେ ଉତ୍ତରିତ କରାଇବା।
- ଏହି ବିଦ୍ୟାଳୟର ପ୍ରୟାସରେ ଏହାର ଶିଶୁ କର୍ମଯୋଗର ନିଷ୍ଠା ରଖି ନିଷ୍କାମ କର୍ମରେ ପ୍ରବୃତ୍ତ ହେବେ- କାରଣ ସେମାନଙ୍କର ଅନୁଭବ ରହିବ କର୍ମ ଉତ୍ତମ ହେଲେ ଫଳ ବି ଉତ୍ତମ ହେବା ଅବଶ୍ୟମ୍ଭାବୀ। ଏହି ଭାବରେ ଉଦ୍‌ବୁଦ୍ଧ ଶିକ୍ଷାର୍ଥୀ ନିଜ ଭବିଷ୍ୟତ ଜୀବନରେ ଏକ 'ନିଷ୍କାମ କର୍ମଯୋଗୀ'ର ଜୀବନ୍ତ ଉଦାହରଣ ପାଲଟିଯିବ ଓ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ହେବ।
- ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟ ଓ କିଶୋର ଲୀଳା ସମୂହରୁ ଶିକ୍ଷାଲାଭ କରି ସେ ତାଙ୍କ ସମ ମାତୃ, ପିତୃ, ଗୁରୁଜନଙ୍କ ପ୍ରତି ଭକ୍ତି ପରାୟଣ ହେବ। ଭଗବାନଙ୍କ ବାଲ୍ୟଲୀଳାର ଦୁଷ୍ଟ ଓ ରାକ୍ଷାସ ଦମନକୁ ଶିକ୍ଷାଲାଭ କରି ସେ ନିଜ ଭିତରେ ଥିବା ଆତ୍ମ ପ୍ରତ୍ୟୟ ଓ ସାହସକୁ ଉଦ୍‌ଜୀବିତ କରିବ।
- ଭଗବାନଙ୍କ କୈଶୋର ଲୀଳାମାଧୁର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଭଗବାନଙ୍କ ତୁଲ୍ୟ ଭାତୃଭକ୍ତ ଓ ସଖା (ସୁଦାମା) ଅନୁରକ୍ତ ହେବ। ତାଙ୍କର ବଂଶୀବାଦନର ଦକ୍ଷତାର ଅନୁସୃଜନରେ ସେ ସଙ୍ଗୀତ ଓ କଳାଶିକ୍ଷାରେ ନୈପୁଣ୍ୟତା ଲାଭ କରିବ।
- ଭଗବାନଙ୍କ ଶ୍ରୀମୁଖ ନିଃସୃତ 'ଶ୍ରୀମଦ ଭଗବତ ଗୀତା'ର ନିତ୍ୟ ପାଠାଲୋଚନ ଦ୍ୱାରା ଶିଶୁମାନସରେ ବୀରଭାବ ଜଗ୍ରତ ହେବ। 'ବୀରଭୋଗ୍ୟା ବସୁନ୍ଧରା' ଏହି ଭାବରେ ଅନୁପ୍ରାଣିତ ଶିକ୍ଷାର୍ଥୀ ନିଜ ଜୀବନରେ ଦାସବୃତ୍ତିକୁ ଆପଣାର କରିବା ପରି ଏକ ଯୁବ ଉଦ୍ୟୋଗୀ ଅଥବା ସମାଜର ନେତୃତ୍ୱ ନେବା ,ମାନସରେ ନିଜର ଆତ୍ମଶକ୍ତିକୁ ପରିଚାଳିତ କରିବ। ଯେଉଁ ଶିଶୁର ଆଦର୍ଶ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ତାଙ୍କର ସାମଗ୍ରୀକ ବ୍ୟକ୍ତିତ୍ୱର ବିକାଶ ଯେପରି ପୂର୍ଣ୍ଣତା ଆଡକୁ ଗତିକରିବ ସେଥିପ୍ରତି ଲକ୍ଷ୍ୟ ରଖି ଉପଯୁକ୍ତ ବାତାବରଣ ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ଏହି ଅନୁଷ୍ଠାନ ତା'ର ନିରନ୍ତର ପ୍ରୟାସ ଜାରି ରଖିବ।
- ସି.ବି.ଏସ୍.ଇ (ଆଇ) ସହ ଅନୁବନ୍ଧିତ ଏହି ବିଦ୍ୟାଳୟରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରୁ ଆଗତ ଶିଶୁମାନଙ୍କର ସୁଦକ୍ଷ ତାଲିମ ପାଇଁ ଦୃଷ୍ଟିରଖି ସମୟୋପଯୋଗୀ ଆନ୍ତର୍ଜାତିକମାନର ପାଠ୍ୟ ପୁସ୍ତକଗତ ଶିକ୍ଷାଦାନ ସହ ସେମାନଙ୍କର 'ଶରୀର-ମନ-ଆତ୍ମା'ର ବିକାଶ ପାଇଁ ତ୍ରୀସୂତ୍ରୀ ଯୋଗ-ଭାବାତୀତ ଧ୍ୟାନ ସହ ସତ୍‌ସଙ୍ଗର ଅବକାଶ ରଖାଯିବ।

## ଆମର ଲକ୍ଷ୍ୟ

- ଏକବିଂଶ ଶତାବ୍ଦୀର ଉଦୀୟମାନ ଭାରତ ବା 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ପରିଯୋଜନାରେ ଅନୁସୃଜନରେ ଉଦ୍‌ଯୋଗୀ ମାନବ ସମ୍ବଳର ବିକାଶ ସାଧନ କରିବା।

## ଆମର ପ୍ରୟାସ

- 'ଯଥା ଅନ୍ନ-ତଥା ମନ' ଏହି ମତକୁ ପ୍ରାଧାନ୍ୟ ଦେଇ ବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କୁ କେବଳ ଶୁଦ୍ଧ ସାତ୍ତ୍ୱିକ ଆହାର ସହ ଅଭ୍ୟସ୍ତ କରାଯିବ।
- ସାମ୍ପ୍ରତିକ କାଳରେ ବିଦ୍ୟାଳୟଗୁଡିକରେ ପ୍ରଚଳିତ ଗତାନୁଗତିକ ଯାନ୍ତ୍ରିକ ଶିକ୍ଷାଦାନ ପ୍ରଣାଳୀର 'ପ୍ରକଳ୍ପ' ଗୁଡିକର ଶୋଧ କରାଯାଇ ସେଗୁଡିକ ଆତ୍ମାଭିମୁଖି କରାଯିବ। ଶିଶୁଟିଏ ଗଣିତ, ବିଜ୍ଞାନ ଭଳି ନୀରସ ପାଠ୍ୟକ୍ରମର ପ୍ରକଳ୍ପ ସହ ନିଜ ବ୍ୟକ୍ତିଗତ ସାମାଜିକ ଜୀବନର ଚରମ ଆବଶ୍ୟକତାଗୁଡିକୁ ମଧ୍ୟ ନିଜର ପ୍ରକଳ୍ପରେ ସ୍ଥାନିତ କରିବେ। ଏହିସବୁ ପ୍ରକଳ୍ପ କରିବା ବେଳେ ଶିଶୁଟିଏ ଆମର ଅବକ୍ଷୟମୁଖୀ ସଂସ୍କୃତିରେ ଲୋପ ପାଇବାକୁ ବସିଥିବା 'ଜନ ସଂପର୍କ', ପାରିବାରିକ ଓ ଲୌକିକ ସମ୍ବନ୍ଧ ତଥା 'ବ୍ୟବହାରିକ ସଂଯୋଗଗୁଡିକର' ଗୁରୁତ୍ୱ ଉପଲବ୍ଧ କରିବ। ନିଜ ଜୀବନକାଳରେ କେବଳ ଧନବଳ ନୁହେଁ, ଜନବଳ, ଆତ୍ମବଳ ଓ ମନୋବଳର ମଧ୍ୟ ଯେ ଗୁରୁତ୍ୱ ରହିଛି ତାହା ସେ ଉପଲବ୍ଧ କରିବ।
- ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମତିଥି 'ଜନ୍ମାଷ୍ଟମୀ'ରେ ଏହି ବିଦ୍ୟାଳୟ ତାହାର ବାର୍ଷୀକ ଉତ୍ସବ ପାଳନ କରିବ।
- ଏକ ଶିଶୁର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ଅଙ୍ଗୀକାରବଦ୍ଧ 'କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ' ଆସ୍ଥାରଖେ ଏହାର ପ୍ରତ୍ୟେକ ଶିଶୁ ଜାତି, ଧର୍ମ, ବର୍ଣ୍ଣ ଭେଦରୁ ଉର୍ଦ୍ଧ୍ୱରେ ରହି ଏକ ପ୍ରଗତିଶୀଳ ଆଗାମୀ ଦିନରେ ଭାରତବର୍ଷରେ ଏକ ଆଧାରଶୀଳା ରୂପେ ଦେଶର ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରତିପାଦନ କରିବେ।
- ଏଠାରେ ଚଳିତ ଶିକ୍ଷାବର୍ଷଠାରୁ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ପାଠ୍ୟକ୍ରମ ଆରମ୍ଭ ହୋଇଛି।
- ଏଠାରେ ୮୦୦ରୁ ଅଧିକ ଉଭୟ (ଛାତ୍ର ଓ ଛାତ୍ରୀ)ଙ୍କ ପାଇଁ ପୃଥକ ହଷ୍ଟେଲ ସୁବିଧା ରହିଛି।
- ୨୦୧୯ ଡିସେମ୍ବରରେ ଏଠାରେ ଏକ ସ୍ପୋର୍ଟସ ଇଭେଣ୍ଟ କରାଯାଇଥିଲା। ଏଥିରେ ଦେଶର ବିଭିନ୍ନ ରାଜ୍ୟର ୬୦ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।
- ମହାମାରୀ କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ରହିଥିଲେ ମଧ୍ୟ ଅନ୍‌ଲାଇନ୍‌ରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଇଛି।

## ଆମର ଆଦର୍ଶ

- ଆଗାମୀ ପିଢିର ଯୁବଦ୍ୟୋଗୀ ଓ ଯୁବ ନେତୃତ୍ୱର ଉତ୍ତରଣରେ ସହାୟକ ଶିକ୍ଷାଦାନର ପ୍ରୟାସ।
- ସ୍ୱାଭିମାନୀ ଦକ୍ଷ ଜାତୀୟବାଦୀ ଆଗାମୀ ପିଢିର ଭାରତୀୟ ଯୁବଶକ୍ତିର ଉଦ୍‌ବୋଧନ ନିମନ୍ତେ ଅଙ୍ଗୀକାରବଦ୍ଧତା।




**Dr. G.S. Patnaik**
**Chairman, KWS**







**Jaripada, Near Pratap Nagari, Cuttack - 753011, Odisha, India**
**E-mail : krishnamurtyworldschool@gmail.com**
**Cell : 9438556301 / 9348128611**


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି